ମୂଲ୍ୟ:₹ ୧/-

ଧରିତ୍ରୀ
DHARITRI

# ସାହିତ୍ୟାୟନ

ଅକ୍ଟୋବର ୩୦-ନଭେମ୍ବର ୧୨, ୨୦୧୯

**ସୃଜନ-ସ୍ମୃତି** : ସେନାପତି ପ୍ରଦ୍ୟୁମ୍ନ କେଶରୀ

**ଅବଲୋକନ** : ଡ. ବିଜୟ କେତନ ପଟ୍ଟନାୟକ

**ରମ୍ୟ ରଚନା** : ତ୍ରିନାଥ ପଟ୍ଟନାୟକ

**ବିଶେଷ ଗଳ୍ପ** : ସଂଯୁକ୍ତା ମହାନ୍ତି



# ଆହତ ଅପରାହ୍ଣ

ମୂଳହିନ୍ଦୀ: ବିବେକ ଗୁପ୍ତା
ଅନୁବାଦ: ବନମାଳୀ ବେହେରା

ଭଡ଼ାରୁ ମାମଲା। ଓକିଲ ଦେବେଶ ବାବୁ କଥାଟି ଶେଷ ନ କରି ଅଟକି ଗଲେ। ବିପରୀତ ପାର୍ଶ୍ୱରେ ରାମାଧାର ବାବୁ ମଇଳା ଧୋତି ଓ ଫତେଇ ପିନ୍ଧି ଅଳ୍ପ ଓଢ଼ଣା ଦେଇଥିବା ସ୍ତ୍ରୀ ଅମ୍ବିକା ବାଈଙ୍କ ସହ ଠିଆ ହୋଇଛନ୍ତି। ଏମାନେ ଆଜିର ଚାରି ନମ୍ବର ମହକିଲ। ରାମାଧାର ବାବୁ ମୁହଁକୁ ଥମଥମ କରି କହିଲେ- ହଁ ସାର୍। ମାମଲା ନ ହେଉ, ଆଜିକାଲି କ'ଣ ସେଇଟାକୁ କହନ୍ତି- ମାନେ ଇଞ୍ଜକ୍ସନ୍, ଯେଉଁଥିରେ ସବୁକୁ ଅଟକାଇ ଦିଆଯାଏ। ସେଇଟାକୁ ନ ହେଲେ କରି ଦିଅନ୍ତୁ। ଏମିତି ଗୋଟେ କରିଦିଅନ୍ତୁ ଯେପରି ଭଡ଼ାଟିଆ ଘର ଛାଡ଼ିବନି, ଆଉ ନିୟମିତ ଭଡ଼ା ଦେଉଥିବ।

ଶୁଣ ବାବୁ! ମୁଁ ଆଜିକୁ ପଇଁତିରିଶ ବର୍ଷ ଧରି ପ୍ରାକ୍ଟିସ୍ କରୁଛି। ମାତ୍ର ଏମିତିଆ କେସ୍ କେବେ ମୋ' ପାଖକୁ ଆସିନି। ଭଡ଼ାଟିଆଙ୍କୁ ତଡ଼ିବା ପାଇଁ ଲୋକମାନେ ପାଗଳ ହୋଇଯା'ନ୍ତି, କିନ୍ତୁ ଆପଣ ଭଡ଼ାଟିଆଙ୍କୁ ଅଟକେଇବା ବ୍ୟବସ୍ଥା କରିବାକୁ ଚାହୁଁଛନ୍ତି! ରାମାଧାରଙ୍କ ମୁହଁରେ ମ୍ଳାନ ହସ। ଗୋଟିଏ କାରଖାନାରେ ଛୋଟକାଟିଆ ଚାକିରିଟିଏ କରୁଥିଲି ସାର୍। ଅନେକ ବର୍ଷ ଆଗରୁ ଦୁଇଗୁଣ୍ଠ ଜମି କିଣି ଭବିଷ୍ୟତରେ କାମରେ ଆସିବ ବୋଲି ପକାଇଥିଲି। ତା'ପରେ ମାଟିର ଛୋଟ ଚାଳିଆ ଘରଟିଏ କଲି। ପରେ ପକ୍କା କାନ୍ଥ ଓ ସିମେଣ୍ଟ ଚଟାଣ କରି ଆଜବେଷ୍ଟସ୍ ପକାଇଲି। ସେତେବେଳେ ମୋର ଦୁଇଟି ପୁଅ ଛୋଟଛୋଟ। ଗୋଟିଏ ବଖରାରେ ଆମେ ରହି ଆଉ ଦୁଇଟା ବଖରା ଭଡ଼ାରେ ଦେଇଥିଲି। ମୋର ପେନ୍‌ସନ୍ ବା ଜମାଟଙ୍କା କିଛି ନାହିଁ ସାର୍। ସେହି




ଭଡ଼ା ଟଙ୍କାରେ କୌଣସି ପ୍ରକାରେ କଷ୍ଟେମଷ୍ଟେ ଚଳିଯାଏ। ମୋତେ ଆସି ପଁଷଠି। ମୋ' ସ୍ତ୍ରୀକୁ ଷାଠିଏ ହେଲା। ଭଡ଼ାଟିଆ ଉଠିଗଲେ ଚଳିବାକୁ ହଇରାଣ ହେବି ସାର୍।

ଆରେ! ବିରକ୍ତ ହୋଇ ଉଠିଲେ ଦେବେଶ। ଏ ସବୁର ଗଳ୍ପ ତ ମୋତେ ଆଗରୁ କହିଛ। ଭଡ଼ାଟିଆ କ'ଣ ଆପଣଙ୍କ ମର୍ଜି ମୁତାବକ ରହିବେ। ପଇସା ଯଦି ଦରକାର ଅଛି, ଅନ୍ୟ ଭଡ଼ାଟିଆ ରଖିବ। ଏଥର ଅମ୍ବିକା ବାଈ ସଲଜ୍ଜ ନୀଚ ଗଳାରେ କହିଲେ- ଏ ଗଲେ ଆଉ କେହି ଭଡ଼ାଟିଆ ଆସିବେନି। ଆମ ଜମି ପାଖରେ ଏହା ଭିତରେ ବଡ଼ ରାସ୍ତାଟିଏ ହୋଇଯାଇଛି। ପ୍ରମୋଟର୍ ଜମି ଦଲାଲମାନେ ଦିନରାତି ଘୁରି ବୁଲୁଛନ୍ତି।

ତେବେ ପ୍ରମୋଟରମାନଙ୍କୁ ଦେଇଦିଅ। ଭଡ଼ାଟିଆ ଚାଲିଗଲେ ନ ଖାଇ ମରିଯିବ କାହିଁକି? ଆପଣଙ୍କର ତ ଦି'ଦିଟା ପୁଅ ଅଛନ୍ତି ବୋଲି କହୁଥିଲେ। ସେମାନେ ଆପଣଙ୍କୁ ଦେଖାଶୁଣା କରିବେ। ଅସୁବିଧା କ'ଣ! ଟେବୁଲ ଉପରକୁ ଝୁଙ୍କିପଡ଼ି ରାମାଧାର ବାବୁ କହିଲେ, ପୁଅମାନେ ବାହାସାହା ହୋଇ ଅଲଗା ରହୁଛନ୍ତି ସାର୍। ବର୍ତ୍ତମାନ ପ୍ରମୋଟରମାନେ ସେମାନଙ୍କୁ ଧରିଛନ୍ତି। ଦି ପୁଅ, ବୋହୂମାନେ ମଝିରେ ମଝିରେ ଆସନ୍ତି। କହିଛନ୍ତି- ବେକକୁ ଦାଆରେ କାଟି ବାଉଁଶ ଅଗରେ ମୁଣ୍ଡକୁ ଝୁଲେଇ ଦେବେ। ବଡ଼ପୁଅ ଗୋଟାଏ ଦା'ରେ ମୋ' ମୁଣ୍ଡକୁ ହାଣିଦେଲା ସାର୍। ଏଇ ଦେଖନ୍ତୁ କଟା ଦାଗଟାକୁ। ସାନ ବୋହୂ ଆସି ଶାଶୁ, ମାନେ ମୋ' ସ୍ତ୍ରୀର ଗଳାକୁ ଚିପି ଧରିଲା ଯେ, ଦାଗଟା ଅନେକ ଦିନ ପର୍ଯ୍ୟନ୍ତ ରହିଲା। ଜମି, ଘର ପାଇଁ ଅନେକ କଷ୍ଟ କରିଥିଲି। ଭଡ଼ା ଦେବା ଉଦ୍ଦେଶ୍ୟରେ ନୁହେଁ। ନିଜେ ରହିବା ପାଇଁ ...। ପୁଅମାନଙ୍କ ନାଁ ରେ କ'ଣ ମାମଲା କରାଯାଏ, କୁହନ୍ତୁ? ଆମେମାନେ ତ ବାପାମାଆ, ଜନ୍ମ କରିଛୁ। ଭଡ଼ାଟିଆ ନାଁରେ ମୋକଦ୍ଦମା କଲେ ଶୁଣିଛି ଅନେକ ଦିନ ଯାଏ କେସ୍ ଚାଲେ...। ଆମେ ସେତେଦିନ ପର୍ଯ୍ୟନ୍ତ ବଞ୍ଚିଥିବୁ ତ ସାର୍?

ପଙ୍ଖାଟା କ'ଣ ଆସ୍ତେ ଆସ୍ତେ ଘୂରୁଛି? ଏତେ ଗରମ ଲାଗୁଛି କ'ଣ? ଦେବେଶ ବାବୁ ସେ ଦୁହିଁଙ୍କର ଚିନ୍ତିତ ମୁହଁ ଉପରୁ ଆଖି ଫେରେଇ ଥାକରେ ଥିବା ମୋଟା ମୋଟା ଆଇନ ବହିଗୁଡ଼ାକ ଉପରେ ଦୃଷ୍ଟି ନିବଦ୍ଧ କଲେ। ତା'ପରେ କହିଲେ, ସେମିତି କିଛି ହୁଏ ନାହିଁ। ଦେଶରେ ତ ଆଇନ ବୋଲି ଗୋଟେ କିଛି ଅଛି ନା ନାହିଁ? ମୁଁ ତା' ବାହାରକୁ ଯାଇ ପାରିବି ନାହିଁ। ଏଥିରେ ଦେଖିବାର ବା କରିବାର କିଛି ନାହିଁ। ଆଚ୍ଛା! ଆପଣମାନେ ଆସି ପାରନ୍ତି। ନା, ମୋତେ କିଛି ଫିସ୍ ଦେବାକୁ ପଡ଼ିବନି, ନମସ୍କାର।

**– ଭଗବତୀ ସ' ମିଲ୍ ଲେନ୍, ଜଟଣୀ, ଖୋର୍ଦ୍ଧା**




## 'ସାହିତ୍ୟାୟନ'ର ଶାରଦୀୟ ପ୍ରଚ୍ଛଦ ସୂଚାଏ ମାଆର ଆବଶ୍ୟକତା...

ମହାଶୟ,

* ୦୨-୧୫ ଅକ୍ଟୋବର, ୨୦୧୯ ସଂଖ୍ୟା 'ସାହିତ୍ୟାୟନ' ପଢ଼ିଲି। 'ବଡ଼ପୁଅ' ଦରଦୀ ଗଳ୍ପଟିଏ। ଭାରି ହୃଦୟସ୍ପର୍ଶୀ ହୋଇଛି। କବିତା 'ଏଇ ତ ଜୀବନ' ଏବଂ 'ଜୀବନବୋଧ' ଅତି ଉଚ୍ଚକୋଟୀର। 'ସ୍ମରଣୀୟ' ସ୍ତମ୍ଭରେ କଇଳାଶ ପଟ୍ଟନାୟକଙ୍କ ଲେଖା 'ଧର୍ମଚକ୍ର' ବାଂଲାଦେଶ ମୁକ୍ତି ସଂଗ୍ରାମର ନେପଥ୍ୟରେ ଲୁଚି ଯାଇଥିବା ଅନାଲୋଚିତ ଅଧ୍ୟାୟ ପରି ଲାଗୁଛି। ଅତି କରୁଣ ମର୍ମଭେଦୀ ଜୀବନ ଯୁଦ୍ଧର ଏ କାହାଣୀ। ଅରୁଣ କୁମାର ସାହୁଙ୍କ 'ପ୍ରଥମ ବହି' ସ୍ତମ୍ଭରେ 'ଅଣନାୟକ'ର ଲୋକାର୍ପଣ ଦିନର ଘଟଣା ପଢ଼ିଲେ ଆଖିରେ ଲୁହ ଆସିଯାଉଛି। 'ଲକ୍ଷ୍ମୀର ଅଭିସାର' ଗଳ୍ପର ପୂଜାରୀ ପଣ୍ଡିତଙ୍କ ଆତ୍ମକଥା ଡ. ମଣୀନ୍ଦ୍ର କୁମାର ମେହେରଙ୍କ ମାଧ୍ୟମରେ ପୁଣି ଆତ୍ମପ୍ରକାଶ କରିଛି ଧରିତ୍ରୀରେ। ପୂଜାରୀ ପଣ୍ଡିତଙ୍କ ସ୍ରଷ୍ଟା ମନୋଜ ଦାସଙ୍କ ପାଖରେ ଚିରକୃତଜ୍ଞ ଓଡ଼ିଆ ସାହିତ୍ୟ। ଅନେକ ପାଠକ 'ଲକ୍ଷ୍ମୀର ଅଭିସାର' ଗଳ୍ପ ପଢ଼ିନାହାନ୍ତି। ଏଇ ଲେଖାଟିରୁ ସେମାନେ ସୁଯୋଗ ପାଇବେ ଗପଟି ସମ୍ପର୍କରେ ଜାଣିବା ପାଇଁ। ପ୍ରଚ୍ଛଦପଟରେ ମାଆ ଦୁର୍ଗାଙ୍କ ଧରାବତରଣ ଛବି, ଶାରଦୀୟ କ୍ଷେତରେ ପକ୍ଷୀ ଶାବକଟିକୁ ମାଆ ଥଣ୍ଟରେ ଖାଦ୍ୟ ଖୁଆଇବାର ଦୃଶ୍ୟ ଚମତ୍କାର ପରିକଳ୍ପନା। ମାଆର ଆବଶ୍ୟକତା ସୂଚାଇ ଦେଉଛି ପ୍ରଚ୍ଛଦପଟ।

**– ଜ୍ୟୋତ୍ସ୍ନାରାଣୀ ପଣ୍ଡା, ରାମହରି ନଗର-୨, ବ୍ରହ୍ମପୁର-୧**

* ଶାରଦୀୟ ସାହିତ୍ୟାକାଶରେ 'ସାହିତ୍ୟାୟନ' (୦୨-୧୫, ଅକ୍ଟୋବର)ର ଅବତରଣ ସୁନ୍ଦର ପ୍ରଚ୍ଛଦରେ ରଙ୍ଗାୟିତ। ମା' ପକ୍ଷୀ ଶିଶୁ ଶାବକର ଚଞ୍ଚୁରେ ଖାଦ୍ୟ ଭରୁଥିବା ଚିତ୍ର ସହ ମା' ଦୁର୍ଗା ସତେ ଅବା ମଣିଷ ଜାତିକୁ କ୍ଷୁଧା, ତୃଷା, ଦୁଃଖ ଯନ୍ତ୍ରଣାରୁ ମୁକ୍ତ କରିବା ଲାଗି ଅବତରିତ! କବିତାକୁ କନ୍ୟା ଓ ଗଳ୍ପକୁ ପୁତ୍ର ଜନ୍ମ ପରି ଭାବିଥିବା 'ପହିଲି ପୁଲକ'ରେ ପୁଲକିତ ସଫ୍ଟୱେୟାର ଇଞ୍ଜିନିୟରଙ୍କ ଭାବନା ଭାରି ସଫ୍ଟ ଓ ଟଫ୍। 'ଧର୍ମଚକ୍ର'ର ମୂଳରୁ ଶେଷଯାଏ ଅଧର୍ମର ଶଗଡ଼ ଚକ ଚିହ୍ନ, ତେବେ ଯା ନାଁ 'ଧର୍ମଚକ୍ର' କେମିତି ହେଲା? ପେଷି ହୋଇଯାଇଛନ୍ତି ଚାନ୍ଦି ଓ ତା' ମାଆ। 'ଲକ୍ଷ୍ମୀର ଅଭିସାର'କୁ ନୂଆ ଧାରାରେ ବିସ୍ତାର କରିଥିବା ମଣୀନ୍ଦ୍ରବାବୁ ମଣିଷ ମନକୁ ଖୁବ୍ ଭଲ ବିଶ୍ଳେଷଣ କରିଛନ୍ତି। ନରେନ୍ଦ୍ର ସେଠୀଙ୍କ କିଡ୍‌ନୀବିକା 'ବଡ଼ପୁଅ' କଥା ପଢ଼ିଲା ବେଳେ ମନେପଡ଼ିଲା ହିନ୍ଦୀ ସିନେମା ସାହେବ ଓ ତାର ଓଡ଼ିଆ ଭର୍ସନ୍ ଲାଟ୍‌ସାହେବ ଠିକ୍ କିଡ୍‌ନୀ ବିକା କଥା। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଡ. ଅନ୍ତର୍ଯ୍ୟାମୀ ମିଶ୍ର ମହାଶୟଙ୍କୁ ଅନ୍ତରର ପ୍ରଣାମ। ଅରୁଣବାବୁ ଏ 'ଅଣନାୟକ' ବହି ପାଇଁ ପିତାଙ୍କୁ ହରାଇଲେ ଆଉ ରମାକାନ୍ତ ରଥଙ୍କ କଥାକୁ ପାଥେୟ କରି କବିତା ଛଡ଼ା କିଛି ଲେଖୁନାହାନ୍ତି ଜାଣି ଖୁସିହେଲି ତାଙ୍କର ଦୃଢ଼ ପ୍ରତିଜ୍ଞା ପାଳନ ଦେଖି। କବିତାଗୁଡ଼ିକ ଉଚ୍ଚକୋଟୀର ଓ ପୁସ୍ତକ ପରିଚୟ ବଛାବଛା ବହିକୁ ନେଇ।

**– ସୁସ୍ମିତା ପୁରୋହିତ, ସଦେଇପାଲି, ନୂଆ କଲୋନୀ, ବୁର୍ଲା, ସମ୍ବଲପୁର**

* ନଦୀପଠାରେ କାଶତଣ୍ଡୀ ଦେବୀଙ୍କୁ ଧରାପୃଷ୍ଠରୁ ଆମନ୍ତ୍ରଣ କରୁଛି। ପରିବେଶଟି ସତେଯେମିତି 'ଦେବୀମୟ' ହୋଇଯାଇଛି। ଏପରି ଏକ ବିରଳ ମୁହୂର୍ତ୍ତରେ 'ସାହିତ୍ୟାୟନ' ୦୨-୧୫ ଅକ୍ଟୋବର, ୨୦୧୯ ସଂଖ୍ୟା ହସ୍ତଗତ ହେଲା। ଡ. ନରେନ୍ଦ୍ର ସେଠୀ ଜଣେ ବୈଜ୍ଞାନିକ। ବିଜ୍ଞାନ ଓ ଗବେଷଣାର ଚଉକାନ୍ଥ ଭିତରେ ତାଙ୍କ ଜୀବନ। ତେବେ ଜଣେ ବିଜ୍ଞାନୀ ଏପରି ସୁନ୍ଦର ଗଳ୍ପ ଲେଖିପାରନ୍ତି! ଭବିଷ୍ୟତରେ ଆମେ ଡ. ସେଠୀଙ୍କଠୁଁ ଏମିତି ସୁନ୍ଦର ସୁନ୍ଦର କ୍ଷୁଦ୍ରଗଳ୍ପ ଆଶା କରୁ। ଚକ୍ରପାଣି ପରିଚ୍ଛାଙ୍କ କବିତା ଭଲ ଲାଗିଲା। ଦଶହରା ଅବସରରେ 'ସାହିତ୍ୟାୟନ' ପରିବାରଙ୍କୁ ଆମର ଅନେକ ଅନେକ ଶୁଭକାମନା।

**– ଅରୁଣ କୁମାର ନାୟକ, ମାନସ କୁମାର ଯେନା, ଏରେଇଁ, ଚରଂପା, ଭଦ୍ରକ**

* ମୁଁ 'ସାହିତ୍ୟାୟନ'ର ନିୟମିତ ପାଠକ। ସବୁ ଥର ପରି ଏଥର 'ସାହିତ୍ୟାୟନ' (୧୬-୨୯ ଅକ୍ଟୋବର, ୨୦୧୯) ବି ଖୁବ୍ ସୁନ୍ଦର ହୋଇଛି। ତ୍ରୁଟିଶୂନ୍ୟ ସଂପାଦନା, ବିଷୟ ଚୟନ, ସୁନ୍ଦର ବସାଣ ମୁଗ୍ଧ କରେ। ମିନିଗଳ୍ପ, ସୃଜନ-ସ୍ମୃତି, 'ପହିଲି ପୁଲକ' ମନକୁ ଛୁଇଁଲା। 'ସ୍ମରଣୀୟ ଗଳ୍ପ' ସ୍ତମ୍ଭରେ "ଅରଣ୍ୟର ନିଆଁ" ମନୋମୁଗ୍ଧକର। କବିତା ସବୁ ମନଛୁଆଁ।

**– ରାଜେଶ ପୂଜାରୀ, କୁଶମେଲ, ଝାରସୁଗୁଡ଼ା**

* ୦୨-୧୫ ଅକ୍ଟୋବର, ୨୦୧୯ ସଂଖ୍ୟାରେ ପ୍ରକାଶିତ 'ସାହିତ୍ୟାୟନ' ପତ୍ରିକା ପାଠକଲି। ଉକ୍ତ ସଂଖ୍ୟାର 'ସ୍ମରଣୀୟ' ପୃଷ୍ଠାକୁ ପାଠ କରି ସୁସାହିତ୍ୟିକ କଇଳାଶ ପଟ୍ଟନାୟକଙ୍କ ଲେଖନୀ ନିଃସୃତ ଏକାଧିକ ସାହିତ୍ୟକୃତି ସମ୍ପର୍କରେ ଅବଗତ ହେଲି। ଶ୍ରୀ ପଟ୍ଟନାୟକଙ୍କ ଦ୍ୱାରା ରଚିତ ତଥା ସ୍ମରଣୀୟ ଗଳ୍ପ ପୃଷ୍ଠା ଅଳଂକୃତ କରିଥିବା 'ଧର୍ମଚକ୍ର' ନାମକ ଗଳ୍ପଟି ବେଶ୍ ଶିକ୍ଷଣୀୟ ତଥା ମର୍ମସ୍ପର୍ଶୀ ହୋଇପାରିଛି। ତତ୍‌ସହିତ କବିତା ପୃଷ୍ଠାରେ କବି ପୁରୁଷୋତ୍ତମ ମହାପାତ୍ରଙ୍କ 'ଯୋଉଠି ଥାଅ ଭଲରେ ଥାଅ' ଶୀର୍ଷକ କବିତା ଏବଂ କବି ଉପେନ୍ଦ୍ର ପ୍ରସାଦ ନାୟକଙ୍କ ଦ୍ୱାରା ରଚିତ 'ଜୀବନବୋଧ' କବିତାଟି ଉନ୍ନତ ମାନର ହୋଇପାରିଛି। ପୃଷ୍ଠା-୮ର 'ପହିଲି ପୁଲକ' ସ୍ତମ୍ଭରେ ସ୍ଥାନିତ 'କବିତାଟିଏ ଲେଖିଲେ ଭାବେ ଏକ କନ୍ୟା ସନ୍ତାନର ମା' ହେଲି' ପ୍ରସଙ୍ଗ କ୍ରମରେ କବୟିତ୍ରୀ ଅନସୂୟା ପଣ୍ଡାଙ୍କ କବିତା ଲେଖିବାର ପ୍ରଥମ ଅନୁଭୂତି ସମ୍ପର୍କରେ ଅବଗତ ହୋଇପାରିବା ସହିତ ତାଙ୍କ ସମ୍ପର୍କିତ ଅନେକ କଥା ଉକ୍ତ ସଂଖ୍ୟାରେ ସ୍ଥାନିତ। ଅନ୍ୟାନ୍ୟ ସମସ୍ତ ଆଲେଖ୍ୟ ମଧ୍ୟ ପଠନୀୟ ତଥା ଶିକ୍ଷଣୀୟ ହୋଇପାରିଛି।

**– ବିଜୁ ସାହୁ, ଖଣ୍ଡାଏତା, କଟକ**

ସାହିତ୍ୟାୟନ
ଲେଖା ପଠାଇବାର ଠିକଣା
ସମ୍ପାଦକ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
email: dharitrisahityayana@gmail.com

ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

**ସେନାପତି ପ୍ରଦ୍ୟୁମ୍ନ କେଶରୀ ଆମ ସମୟର ଜଣେ ଏପରି କବି, ଯିଏ କବିତା ଲେଖା ଆରମ୍ଭରୁ ପାଠକ ମହଲରେ ଲଗେଇ ରଖିଛନ୍ତି ଗହଳି । 'ପୁତନା'ର ସେ ନବନିର୍ମାତା, ସାଧମତେ ସମକାଳ କବିତାର ବି ! ପର୍ଦ୍ଦା ପଛରେ ରହିଯାଇଥିବା ନିଜ ସୃଜନ-ଜୀବନର କିଛି ଅପାସୋରା କଥା ସେ କହି ବସିଛନ୍ତି ଏଥରର 'ସୃଜନ-ସ୍ମୃତି'ରେ, ଯାହା ତାଙ୍କ କବିତାର ଅନୁରାଗୀ ତଥା ଏଯାଏଁ ତାଙ୍କ କବିତାରେ ଅନୁରାଗ ଜନ୍ମାଇ ନ ଥିବା ପାଠିକାପାଠକଙ୍କର ମନ ଘେନା ହେବ, ଅବଶ୍ୟ ହେବ ।**

# ବୋଉକୁ ଲେଖୁଥିବା ଚିଠି ମୋତେ ଶିଖେଇଥିଲା କବିତା ଲେଖା...



ସେନାପତି ପ୍ରଦ୍ୟୁମ୍ନ କେଶରୀ

ଘାସ ଦେହରେ ପଡ଼ିଥିବା ଟୋପାଏ କାକରକୁ ମୋର ଭାରି ଇଚ୍ଛାହୁଏ ଛୁଇଁଦବାକୁ। ତାକୁ ମୁଁ ଆସ୍ତେକିନା ଅଙ୍ଗୁଳି ଟିପରେ ଛୁଏଁ। ନିଦରେ ଶୋଇଥିବା ଶିଶୁଟି ପରି ହଠାତ୍ ସେ ଚମକିଉଠେ। ମୋତେ ଦେଖି ଏତେ ଡରିଯାଏ ଯେ, ସେ ଆଉ ମୋତେ କାକରବୁନ୍ଦା ପରି ଦିଶେନା, ଦିଶେ ଯନ୍ତ୍ରଣାରେ ଓଦା ଟୋପାଏ ଲୁହ ପରି ! ସେଇ ଲୁହ ଟୋପାକ ପହିଲେ ମୋର ଛାତିକୁ, ତା'ପରେ ଆଖିକୁ ଆଉ ପରେପରେ ମୋର ନିଃଶ୍ୱାସ ପ୍ରଶ୍ୱାସକୁ ସଞ୍ଚରିଯାଏ। ଯେମିତି କବିତାର ଧାଡ଼ିମାନଙ୍କ ଉପରେ ଆଖି ପହଁରେଇ ନେଲେ କବିତାର ଭାବକୁ ଛୁଇଁହୁଏନି। ଗୋଟେ ବର୍ଣ୍ଣନା ପରି ଲାଗେ। ଅସଲ କବିତା ରହିଯାଏ ଶବ୍ଦଗୁଡ଼ିକର ଅନ୍ତରାଳରେ।

ମୁଁ ବେଶୀ ବୟସର ହେଇ ନ ଥାଏ। ସପ୍ତମ କି ଅଷ୍ଟମ ଶ୍ରେଣୀରେ ପଢୁଥାଏ। ଏଇ ବୟସରେ ବି ମୋତେ ମାଟିର ଗର୍ଭୋଦୟ ଦେଖିବାକୁ ଭଲ ଲାଗୁଥିଲା। ମାଟି ଖୋଳି ମୁଁ ପୋତି ଦେଉଥିଲି କଖାରୁ, କାକୁଡ଼ି ମଞ୍ଜି। ଗଜା ହେଇଥିବା ଆଳୁକୁ ଫାଳଫାଳ କାଟି ଘୋଡ଼େଇ ଦେଉଥିଲି ମାଟି। ସକାଳେସଞ୍ଜେ ପାଣି ଢାଳୁଥିଲି। ଯୋଉଦିନ ମାଟିକୁ ଆଡ଼େଇ ପତ୍ର ମୁନୋଉଥିଲା, ସେଦିନ ମୋର ଖୁସି କହିଲେ ନ ସରେ। ମୁଁ ଭାବେ, ମନ ଉର୍ବର ହେଲେ ମାଟି ପାଲଟିଯାଏ। ପ୍ରସବମୁଖର ହୁଏ।

ପିଲାଦିନେ ମୋର ସବୁଠୁ ପ୍ରିୟ ଜାଗା ଥିଲା ଆମ ଘର ପଛପଟ ବଗିଚା। ସେଇ ବଗିଚାକୁ ସୁନ୍ଦର କରିବା ପାଇଁ ବାପା ଆମ ପୋଖରୀରୁ ମାଟି ଉଠେଇ ଚାରିଆଡ଼େ ବିଛେଇ ଦେଇଥିଲେ। ବାରିପଦାର ସାନ୍ତାଳମାନଙ୍କୁ ଆଣି ବଗିଚା ଘରେ ରଖିଥିଲେ। ଆଠ ଦଶ ଜଣ ପୁରୁଷ ଆଉ ସ୍ତ୍ରୀଲୋକ। ଦେଖିବାକୁ ଚିକ୍‌କଣ କଳା। ତାଙ୍କର ଭାଷା ତ ମୁଁ ବୁଝୁ ନ ଥିଲି, କିନ୍ତୁ ତାଙ୍କର ସରଳତା ମୋତେ ବାରମ୍ବାର ଟାଣି ନେଉଥିଲା ତାଙ୍କ ପାଖକୁ। ପଖାଳ, ପିଆଜ, ଖଟା ଓ କାକୁଡ଼ି ଥିଲା ସେମାନଙ୍କ ଖାଦ୍ୟ। କେବେକେବେ ମାଛ, ମାଉଁସ। ମାଟିଖୋଳାରେ ସାରାଦିନ ମଜ୍ଜି ଯାଉଥିଲେ। ତାଙ୍କରି ପାଇଁ ଆମର ବଡ଼ପୋଖରୀ ପାଲଟିଯାଇଛି ଏଡ଼େ ବିରାଟ ଯେ, ବର୍ଷାଦିନେ ତାକୁ ଦେଖିଲେ ଭୟ ଲାଗେ। ହେଲେ ମୁଁ ଡରେନା। ପିଲାଦିନେ ବହୁତ ପହଁରିଚି ତା'ର ଗୋଳିଆ ପାଣିରେ। ବହୁବାର ବୁଡ଼ିଚି, ଉଠିଚି। ସେଇ ବଡ଼ପୋଖରୀର ଆଡ଼ିରେ ବୁଲିବୁଲି ମୁଁ ଗୋଟେ ଚୁପ୍‌ଚାପ୍ ନିର୍ଜନତା ସହ ନୀରବରେ ଦିନଦିନ ବିତେଇ ଦେଇଛି।

୧୯୯୯ ମହାବାତ୍ୟା ପରେପରେ ବାପା ହଠାତ୍ ଚାଲିଗଲେ। ଆମେ ପାଞ୍ଚଭାଇ ନିଜନିଜ ଚାକିରି, ବ୍ୟବସାୟକୁ ଜାବୁଡ଼ି ଧରି ପଡ଼ିଛୁ ସହରରେ। ସତରେ ବାପା ନ ଥିବା ଘର କବିତା ନ ଥିବା ପୃଥିବୀ ପରି। ଚାରିଆଡ଼େ ଅବୁଝାମଣାର ଅରମାବଣ।

ପିଲାଦିନେ ଯୋଉ ବଗିଚାର ଫୁଲମାନଙ୍କଠାରୁ ମୁଁ ଶିଖିଥିଲି ପ୍ରଥମ ପ୍ରେମର ମିଠା ଆମନ୍ତ୍ରଣ, ସେଇମାନେ ହିଁ ମତେ ଇସାରାରେ କହିଦେଇଥିଲେ ମୋ' ଛାତି ଭିତରେ ଅଛି କବିତାର ମହୁଫେଣା ! ହେଲେ ଫୁଲରୁ ମହୁ କାଢ଼ିବାର କୌଶଳ ମତେ ଜଣା ନ ଥିଲା। ଅତି ଅଳ୍ପ ବୟସରେ ପାଠ ପଢ଼ିବା ଲାଗି ମତେ ଅଲଗା ହେବାକୁ ପଡ଼ିଥିଲା ବୋଉଠାରୁ। ହେଇପାରେ ସେ ପୀଡ଼ା ମୋ' କବିତା ପାଇଁ ଥିଲା ଏକ ଗୋପନ ଆଶୀର୍ବାଦ। ବୋଉ ମନେପଡ଼ିଲେ ମତେ ସାରା ପୃଥିବୀ ଅଭିଶାପ ପରି ଲାଗେ। ବିକଳରେ ମୁଁ ଭୋ ଭୋ ହୋଇ କାନ୍ଦେ। କାଳେ କିଏ ଶୁଣିବ ବୋଲି ମୁଁ ଘରୁ ବାହାରି ଦୌଡ଼ିପଳାଏ ଖୋଲା ପଡ଼ିଆକୁ। କାନ୍ଦିକାନ୍ଦି ଥକିପଡ଼ିଲେ ଯୋଉ ହାଲୁକାପଣ ମୋତେ ଦମ୍ଭ ଦିଏ, ବୋଧହୁଏ ତାହା ଥିଲା କବିତାର କଅଁଳ ଆଶ୍ୱାସନା !

ନିଃସଙ୍ଗତା ଭିତରେ ମୁଁ କାଟିଚି ମୋର ଯୌବନ। ରାଉରକେଲା ଭଳି ଏକ କଠୋର ଇସ୍ପାତ ଚଟାଣରେ। ବୋଉ ପାଖକୁ କାନ୍ଦିକାନ୍ଦି ଯୋଉ ଚିଠି ଲେଖୁଥିଲି, ସେଇ ଚିଠିମାନେ ମୋତେ ଶିଖେଇଥିଲେ କବିତା ଲେଖା। ସେତେବେଳେ କବିତା କ'ଣ ମୁଁ ଜାଣି ନ ଥିଲି। ଯେବେ ରାଉରକେଲାକୁ ବାଏବାଏ କରିଆସିଲି ଜ୍ୟୋତିବିହାର, ଦେଖିଲି ଗୋଟେ ଶ୍ୟାମଳ ଉତ୍ସବରେ ଆତ୍ମହରା ନୂଆ ମୁଲକ। ଯୋଉଠି ଥିଲା ଖାଲି ପ୍ରେମ ହିଁ ପ୍ରେମ। ପ୍ରଚୁର ଭଲପାଇବାର ମଧୁଝରଣ ! ଜ୍ୟୋତିବିହାର କ୍ୟାମ୍ପସ୍ ଭିତରେ ମୋର ହେଲା ନୂଆ ଜନ୍ମ। କବିତା ସହ ଯୋଡ଼ିହେଲା ନୂଆ ସମ୍ପର୍କର ଡୋର। ଏତେ ଭଲପାଇବା ଯା' ପୂର୍ବରୁ ମୁଁ କୋଉଠି ପାଇ ନ ଥିଲି। ଯୁଆଡ଼େ ଗଲେ ସିଆଡ଼େ ଅଜସ୍ର ହାତ ଲମ୍ବି ଆସୁଥିଲା କୋଳେଇ ନେବାକୁ। ଏମିତି ଭଲପାଇବା ମିଳିଲେ କୋଉ କବି ବା ନ ଚାହିଁବ ପଶିବାକୁ ନିଆଁରେ !

---

**ଲଘୁ ଗଳ୍ପ**

# ପିତୃଋଣ

**ଦିଲ୍ଲୀପ କୁମାର ଚୌଧୁରୀ**





ହଠାତ୍ ପିତାଙ୍କ ଦେହାନ୍ତ ପରେ ଆମେ ସବୁ ଘରଲୋକ ମର୍ମାହତ ହେଲୁ। ଧଳା ଲୁଗା ପିନ୍ଧି ବନ୍ଧୁବାନ୍ଧବ, ସାଙ୍ଗସାଥୀ ଆସି ସମବେଦନା ଜଣାଇଲେ। ବାପାଙ୍କ ସମବୟସ୍କ ବନ୍ଧୁମାନେ କହିଲେ, ବାପାଙ୍କ ଶେଷଇଚ୍ଛା ଥିଲା ଚକ୍ଷୁଦାନ କରିବାକୁ ଏବଂ ସେ ଏହି କଥା ଡାଏରୀର ପ୍ରଥମ ପୃଷ୍ଠାରେ ଲେଖି ରଖିଛନ୍ତି। ଡାଏରୀ କଥା ଛାଡ଼, ଭଲ କଥାଟିଏ ଯେତେବେଳେ କହିଛନ୍ତି କାର୍ଯ୍ୟକାରୀ କରାଯାଉ। ଭଲରେ ଭଲରେ ସମସ୍ତଙ୍କ ସହଯୋଗରେ ବାରଦିନ ବିତିଗଲା।

ତା' ପରଦିନ ବାପାଙ୍କ କିଛି ବନ୍ଧୁ ଆସି କହିଲେ- ବାପାର ସମ୍ପତ୍ତିରେ ଯେମିତି ପୁତ୍ରର ଅଧିକାର, ସେମିତି ପିତୃଋଣ ପରିଶୋଧ କରିବା ବି ଦାୟିତ୍ୱ। ବାପାର ମୁଁ ଗୋଟିଏ ବୋଲି ପୁତ୍ର। ଘର ବୋଲି ଗୋଟିଏ ପିତୃ ସମ୍ପତ୍ତି ମୋର। କିନ୍ତୁ ବାପାଯେ ଋଣ କରିଛନ୍ତି ମୋର ବିଶ୍ୱାସ ହେଲାନି। ତଥାପି ଯିଏ ଯାହା କହିଲା ସବୁ ଟିପି ରଖିଲି। ଏବଂ ତାରିଖ, ବାର, ମାସ ମଧ୍ୟ ଟିପି ରଖିଲି। ମୂଳ ସୁଧ ସବୁ ଫେରାଇବାକୁ ପଡ଼ିବ। ସର୍ବମୋଟ କରି ଦେଖିଲି ଲକ୍ଷାଧିକ ଟଙ୍କା ହେଉଛି। ଘରେ ବାପା ଏ ସମ୍ପର୍କିତ ଲେଖା କି କାଗଜପତ୍ର, ବନ୍ଧାଛନ୍ଦା ଜିନିଷ ବି ରଖିନାହାନ୍ତି। ଖୋଜିଲି। କିଛି ମିଳିଲା ନାହିଁ। ନିରାଶ ହୋଇ ବସିଥାଏ। ବାପାଙ୍କ ଡାଏରୀ କଥା ମନେପଡ଼ିଲା। ଖୋଜିଲି, ପାଇଲି। ସତ କଥା, ପ୍ରଥମ ପୃଷ୍ଠାରେ ଚକ୍ଷୁଦାନ କଥା ଲେଖିଛନ୍ତି। ତା'ପରେ ପୃଷ୍ଠା ପରେ ପୃଷ୍ଠା ଓଲଟାଇଲି।

ଦିନେ ସଭିଙ୍କୁ ଫୋନ୍ କରି ଡକାଇଲି। ପିତୃଋଣ କଥା ଜଣାଇଲି। ସଭିଏଁ ମଧ୍ୟ ଆସିଲେ। କହିଲି- ବାପା ଡାଏରୀରେ ସବୁ ଋଣ କଥା ଲେଖିଛନ୍ତି।

ବାପା ଯେଉଁମାନଙ୍କଠାରୁ ଋଣ ଗ୍ରହଣ କରିଥିଲେ ଏବଂ ବାପା ଯେଉଁମାନଙ୍କୁ ଋଣ ପ୍ରଦାନ କରିଥିଲେ, ଉଭୟ ଚିଠା ପ୍ରସ୍ତୁତ କରିଛି। ବାପାଙ୍କଠାରୁ ନବାଲୋକ ତାଲିକା ପଢୁଛି। ସେମାନେ ପ୍ରଥମେ ଋଣ ପରିଶୋଧ କରିଦେଲେ ବାପା ଗ୍ରହଣ କରିଥିବା ଋଣଦାତାଙ୍କୁ ଫେରସ୍ତ କରିଦେବି।

– ଭି.ଆଇ.ପି. କଲୋନୀ,
କମାପଲ୍ଲୀ, ବ୍ରହ୍ମପୁର

ଅବଲୋକନ

# ପ୍ରଯୁକ୍ତିର କଷଟିରେ ଓଡ଼ିଆ ଭାଷା

ଡ. ବିଜୟ କେତନ ପଟ୍ଟନାୟକ

ନିକଟରେ ଏକ ସାହିତ୍ୟ ସଭାରେ ଯୋଗଦେବାର ଅବକାଶ ମିଳିଥିଲା। ସଭାକୁ ଆସିଥିଲେ ପନ୍ଦର ଜଣ ଆମନ୍ତ୍ରିତ କବି, ଯେଉଁମାନେ ନିଜସ୍ୱ କବିତା ପାଠ କରିଥିଲେ, ଦଶଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ତନ୍ମଧ୍ୟରୁ ଅଧିକାଂଶ ଥିଲା କବିତା ବା ଗଳ୍ପ, ମାତ୍ର ଗୋଟିଏ ବା ଦୁଇଟି ଥିଲା ପ୍ରବନ୍ଧ ପୁସ୍ତକ। ତାହା ପୁଣି ଓଡ଼ିଆ ଅଧ୍ୟାପକମାନଙ୍କ ଦ୍ୱାରା ଓଡ଼ିଆ ଗପ, କବିତା ଉପରେ ଲିଖିତ ପ୍ରବନ୍ଧର ସମାହାର। ସମ୍ବର୍ଦ୍ଧିତ କରାଗଲା ପାଞ୍ଚଜଣ ତରୁଣ ଓ ପାଞ୍ଚଜଣ ପ୍ରବୀଣଙ୍କୁ। ସେମାନଙ୍କ ଭିତରୁ ଅଧିକାଂଶ କବି ବା ଗାଳ୍ପିକ। ଦୁଇଜଣ ଓଡ଼ିଆ ଅଧ୍ୟାପକ ଓ ଅଧ୍ୟାପିକା। ଅବଶିଷ୍ଟ ନିରୁତା ଶ୍ରୋତାମାନଙ୍କ ମଧ୍ୟରେ ଆମେ ମାତ୍ର ଚାରି ପାଞ୍ଚଜଣ ଥିଲୁ। ସମ୍ପୂର୍ଣ୍ଣ ସମାରୋହ ଭିତରେ। ବିଜ୍ଞାନ ସାହିତ୍ୟ ସମ୍ପର୍କରେ କେହି ବି ପଦେ କହି ନ ଥିଲେ ବା କିଛି ବି ଆଲୋଚନା ହୋଇ ନ ଥିଲା। ଅନ୍ୟ ସବୁ ସାହିତ୍ୟ ସଭାରେ ମଧ୍ୟ ସେହି ଏକା ଦୃଶ୍ୟ। ପ୍ରବୀଣ ବା ଧୁରୀଣ ସାହିତ୍ୟିକମାନେ ଭାବନ୍ତି, ବିଜ୍ଞାନ ସାହିତ୍ୟ, ସାହିତ୍ୟ ପଦବାଚ୍ୟ ନୁହେଁ। ମନରେ ପ୍ରଶ୍ନ ଉଠୁଥିଲା, ବିଜ୍ଞାନର ଭାଷା କ'ଣ ଓଡ଼ିଆ ସାହିତ୍ୟ ହୋଇପାରିବ ବା ଓଡ଼ିଆ ସାହିତ୍ୟର ଭାଷା କ'ଣ ବିଜ୍ଞାନକୁ ଲୋକପ୍ରିୟ କରିବା ପାଇଁ ଆଗେଇ ଆସିବ। ଯେତେବେଳେ ଆମ ସମାଜରେ ବିଜ୍ଞାନ ପ୍ରଦତ୍ତ ଉପାଦାନ ସମୂହର ଲୋକପ୍ରିୟତା ବେଶ୍ ଉପଲବ୍ଧ, ସେତେବେଳେ ତହିଁରେ ନିହିତ ଥିବା ବୈଜ୍ଞାନିକ ତଥ୍ୟ ସମ୍ପର୍କରେ ସରଳ ଓ ସାବଲୀଳ ଭାଷାରେ ସର୍ବସାଧାରଣଙ୍କୁ ସମ୍ୟକ୍ ଅବହିତ କରିବା, ଓଡ଼ିଆ ଭାଷା ସାହିତ୍ୟର ଦାୟ କି ନୁହେଁ?

୨୦୧୪ରୁ ଭାରତରେ ଷଷ୍ଠତମ ଭାଷା ଭାବେ ଓଡ଼ିଆ ଶାସ୍ତ୍ରୀୟ ମାନ୍ୟତା ପାଇ ସାରିଲାଣି। ଏହି ସମ୍ମାନ ହାସଲ କରିଥିବା ଅନ୍ୟ ୫ଟି ଭାଷା ହେଲା- ସଂସ୍କୃତ, ତେଲୁଗୁ, ତାମିଲ, କନ୍ନଡ଼ ଓ ମାଲାୟାଲମ୍। କିନ୍ତୁ ଓଡ଼ିଆ ଭାଷା ଏ ପର୍ଯ୍ୟନ୍ତ ବିଜ୍ଞାନ ଓ ବିକାଶର ଭାଷା ହୋଇପାରି ନାହିଁ। ଏହା ହୋଇପାରିବ, ଯଦି ବୈଜ୍ଞାନିକ ଓ ବୈଷୟିକ ଭାଷା ମଧ୍ୟରେ ସମନ୍ୱୟ ଅଣାଯାଇ ପାରିବ। କେବଳ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଦେଲେ ହେବ ନାହିଁ। ବିଜ୍ଞାନର ବିଭିନ୍ନ ମୌଳିକ ବିଭାଗକୁ ଓଡ଼ିଆ ମାଧ୍ୟମରେ ପ୍ରଚାରିତ ଓ ପ୍ରସାରିତ କରିବା ପାଇଁ ଉଚ୍ଚତମ ଗବେଷଣା ମଧ୍ୟ ଆବଶ୍ୟକ। ଅନ୍ୟ ଭାବେ କହିଲେ, ବିଜ୍ଞାନର ବିଭିନ୍ନ ବିଭାଗରେ ଲୋକପ୍ରିୟ ପାରିଭାଷିକ ଶବ୍ଦାବଳୀ ବିକଶିତ କରିବାକୁ ପଡ଼ିବ, ଯେପରିକି ବିଜ୍ଞାନ ଓ ବୈଜ୍ଞାନିକ ତଥ୍ୟର ନିଷ୍କର୍ଷକୁ ସରଳ ଭାବେ ଓଡ଼ିଆରେ ଉପସ୍ଥାପିତ କରାଯାଇ ପାରିବ।

ଓଡ଼ିଆ ଭାଷା ଏବେ କେବଳ ସାହିତ୍ୟ ଅର୍ଥାତ୍ ଗଳ୍ପ, କବିତା, ନାଟକ, ଉପନ୍ୟାସ ଓ ପ୍ରବନ୍ଧ ଭିତରେ ବନ୍ଦୀ କହିଲେ ଚଳେ। ଏହି ଚିରାଚରିତ ବନ୍ଧନରୁ ମୁକ୍ତ ନ ହେଲା ପର୍ଯ୍ୟନ୍ତ ଓଡ଼ିଆ ଭାଷା ଅଭିବ୍ୟକ୍ତିର ସର୍ବକ୍ଷମ ଭାଷା ହୋଇପାରିବ ନାହିଁ। ଆମ ଭାଷାକୁ ସମୃଦ୍ଧ କରିବାକୁ ହେଲେ ଏହାକୁ ନିରୁତା ସାହିତ୍ୟର ବାହାରକୁ ନେଇ ବିଜ୍ଞାନର ପରିଭାଷାରେ ପରିଣତ କରିବାକୁ ହେବ। ଏ କାମ କରିପାରିବେ ବିଜ୍ଞାନରେ ରୁଚି ରଖୁଥିବା ବା ବିଜ୍ଞାନ ଲେଖୁଥିବା ପ୍ରାବନ୍ଧିକ ଓ ବୈଜ୍ଞାନିକମାନେ। ସେମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଓଡ଼ିଆ ସାହିତ୍ୟ ଏକାଡେମୀ, ଓଡ଼ିଆ ଭାଷା ପରିଷଦ, ଉତ୍କଳ ସାହିତ୍ୟ ସମାଜ ଭଳି ବିଭିନ୍ନ ସଂସ୍ଥା ଆଗେଇ ଆସିବା ଦରକାର। ଓଡ଼ିଶା ସାହିତ୍ୟ ଏକାଡେମୀରେ ବିଜ୍ଞାନ ସାହିତ୍ୟକୁ ଏ ଯାବତ୍ ଯଥେଷ୍ଟ ପ୍ରାଧାନ୍ୟ ମିଳିନାହିଁ।

ଓଡ଼ିଶା ସରକାରଙ୍କର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଅଧୀନରେ ଓଡ଼ିଶା ବିଜ୍ଞାନ ଏକାଡେମୀ ୧୯୮୫ ମସିହାଠାରୁ କାର୍ଯ୍ୟ କରୁଛି। ଏକାଡେମୀ ତରଫରୁ ପ୍ରକାଶ ପାଉଥିବା ଜନପ୍ରିୟ ମାସିକ ବିଜ୍ଞାନ ପତ୍ରିକା ବିଜ୍ଞାନ ଦିଗନ୍ତର ମୁଖ୍ୟ ସମ୍ପାଦକ ଭାବେ ଲେଖକ ୨୦୧୩ରୁ ୨୦୧୮ ପର୍ଯ୍ୟନ୍ତ ପାଞ୍ଚବର୍ଷ ଦାୟିତ୍ୱ ତୁଲାଇଥିଲେ। ଏହି ପତ୍ରିକାଟିରେ ବିଜ୍ଞାନର ବିଭିନ୍ନ ବିଭାଗରେ ଯଥା ପୃଥିବୀ ଓ ପର୍ଯ୍ୟାବରଣ, ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ଜୀବ ବିଜ୍ଞାନ, ଗଣିତ ଓ କମ୍ପ୍ୟୁଟର ବିଜ୍ଞାନ, ମହାକାଶ ବିଜ୍ଞାନ, ଖାଦ୍ୟ, ପୁଷ୍ଟି, ଭେଷଜ ଓ ଚିକିତ୍ସା ବିଜ୍ଞାନ, ଗ୍ରାମ୍ୟ, ସାମାଜିକ ବିଜ୍ଞାନ, କୃଷି ଓ ଉଦ୍ୟାନ ବିଭାଗ, କଳ୍ପ ବିଜ୍ଞାନ, କବିତାରେ ବିଜ୍ଞାନ, ବିଜ୍ଞାନ ବିବିଧା ଆଦି ବିଭାଗରେ ସ୍କୁଲ ଛାତ୍ରୀଛାତ୍ରଙ୍କ ନିମନ୍ତେ ବୋଧଗମ୍ୟ ହେଲା ଭଳି ଭାଷାରେ ଲେଖାଗୁଡ଼ିକ ପ୍ରକାଶିତ ହୁଏ। ପ୍ରତି ମାସରେ ୧୦,୦୦୦ରୁ ଊର୍ଦ୍ଧ୍ୱ ସଂଖ୍ୟାରେ ପ୍ରକାଶ ପାଉଥିବା ଏହି ପତ୍ରିକାଟି ରାଜ୍ୟର ସମସ୍ତ ସରକାରୀ ମାଧ୍ୟମିକ ବିଦ୍ୟାଳୟକୁ ମାଗଣାରେ ଯୋଗାଇ ଦିଆଯାଏ। ଓଡିଶା ବିଜ୍ଞାନ ଏକାଡେମୀ ମଧ୍ୟ ପ୍ରତିବର୍ଷ ସାଧାରଣ ବର୍ଗ ଓ ଶିଶୁ ସାହିତ୍ୟ ବର୍ଗରେ ବିଜ୍ଞାନ ପୁସ୍ତକ ରଚନା କରୁଥିବା ଲେଖିକା, ଲେଖକମାନଙ୍କୁ ପୁରସ୍କୃତ କରିଥାନ୍ତି। ଏହା ବ୍ୟତୀତ ରାଜ୍ୟର କେତେକ ବିଜ୍ଞାନ ଅନୁଷ୍ଠାନ ଏବଂ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେଉଥିବା ପୁସ୍ତକମେଳାଗୁଡ଼ିକରେ ମଧ୍ୟ ବିଜ୍ଞାନ ସାହିତ୍ୟରେ ଲେଖନୀ ଚାଳନା କରୁଥିବା ଲେଖକମାନଙ୍କର ବହିକୁ ପୁରସ୍କାର ମିଳିଥାଏ। କିନ୍ତୁ ସେହିଠାରେ ହିଁ ବିଜ୍ଞାନ ସାହିତ୍ୟ ଲେଖକର ସ୍ୱୀକୃତି ସମାପ୍ତ ହୋଇଯାଏ। କେବଳ ପ୍ରକୃତି ଓ ପର୍ଯ୍ୟାବରଣ ସମ୍ପର୍କିତ ରଚନାକୁ ଛାଡିଦେଲେ ଅନ୍ୟ କୌଣସି ବିଭାଗର ରଚନାକୁ ଓଡିଆ ସାହିତ୍ୟରେ ଏ ପର୍ଯ୍ୟନ୍ତ ନ୍ୟାଯ୍ୟ ସ୍ୱୀକୃତି ମିଳି ପାରିନାହିଁ। ଅଧିକାଂଶ ସାହିତ୍ୟ ସଭାରେ ବିଜ୍ଞାନ ସାହିତ୍ୟ ଲେଖକଙ୍କୁ ସାହିତ୍ୟିକର ମର୍ଯ୍ୟାଦା ମଧ୍ୟ ମିଳେନାହିଁ।

ଓଡ଼ିଶା ସାହିତ୍ୟ ଏକାଡେମୀର ତତ୍କାଳୀନ ସଚିବ ଅଶ୍ୱିନୀ ମିଶ୍ର ପରିବେଶ ଓ ସାହିତ୍ୟର ବିଭିନ୍ନ ଦିଗକୁ ବିଚାରକୁ ନେଇ ଏକ ସଂକଳନ ପ୍ରସ୍ତୁତ କରିବାକୁ ଲେଖକ ଓ ତାଙ୍କର ଜଣେ ବନ୍ଧୁ ଡ. ହରିପଦ ଶତପଥୀଙ୍କୁ ଦାୟିତ୍ୱ ଦେଇଥିଲେ। ସାଢେ ପାଞ୍ଚଶହ ପୃଷ୍ଠାର ଏହି ସଂକଳନଟି ଇତିମଧ୍ୟରେ ସାହିତ୍ୟ ଏକାଡେମୀ କର୍ତ୍ତୃକ ପ୍ରକାଶ ପାଇ ସାରିଛି। ପ୍ରକୃତି ଓ ପରିବେଶ ଉପରେ ଲିଖିତ ଅନେକ ବିଶିଷ୍ଟ ଓ ଲବ୍ଧ ପ୍ରତିଷ୍ଠ ସାହିତ୍ୟିକଙ୍କର ଗଳ୍ପ, କବିତା, ପ୍ରବନ୍ଧ, ପୌରାଣିକ ତଥ୍ୟ ଓ ପରିବେଶର ବିଭିନ୍ନ ବିଭାଗ ଉପରେ ବିଜ୍ଞାନ ଲେଖକଙ୍କର ଲିଖିତ ପ୍ରବନ୍ଧ ଏଥିରେ ସ୍ଥାନିତ ହୋଇଛି। ତଥାପି ଏକାର୍ଯ୍ୟ ସ୍ୱୟଂସମ୍ପୂର୍ଣ୍ଣ ନୁହେଁ।

ପ୍ରକୃତି, ପରିବେଶ ଏବଂ ସାହିତ୍ୟର ନିବିଡ଼ ସମ୍ପର୍କ କାହିଁ କେଉଁ ଯୁଗରୁ ରହିଆସିଛି। ପ୍ରାଚୀନ ଓଡ଼ିଆ ଗଦ୍ୟ ଓ ପଦ୍ୟ ସାହିତ୍ୟରେ ପ୍ରତ୍ୟୁଷ, ପ୍ରଦୋଷ, ଋତୁ ଏବଂ ପ୍ରକୃତିର ବୈଚିତ୍ର୍ୟ ବର୍ଣ୍ଣନା ଏକ ସାଧାରଣ ପ୍ରସଙ୍ଗ। ମେଘ, ପବନ, ଅରଣ୍ୟ, ଉପବନ, ନଦ, ନଦୀ, ହ୍ରଦ, ସମୁଦ୍ର, ପାହାଡ଼, ପର୍ବତ, ଅରଣ୍ୟ ଆଦି ଅନେକ ପ୍ରାକୃତିକ ଉପାଦାନ ସାହିତ୍ୟ ଉପଜୀବ୍ୟ ହୋଇ କାଳେ କାଳେ ରହିଆସିଛି। ତାହା କବି ଦୀନକୃଷ୍ଣ ଦାସଙ୍କର 'ରସକଲ୍ଲୋଳ' କାବ୍ୟ ହୋଇପାରେ କିମ୍ବା ଭକ୍ତ କବି ମଧୁସୂଦନ ରାଓଙ୍କର ପ୍ରଭାତ, ସନ୍ଧ୍ୟା, ବସନ୍ତ, ଗ୍ରୀଷ୍ମ, ଶରତ, ହେମନ୍ତ, ଶିଶିର ଆଦି ଋତୁ ଉପରେ ପର୍ଯ୍ୟବସିତ ରଚନା ହୋଇପାରେ। ପଲ୍ଲୀ କବି ନନ୍ଦକିଶୋର ବଳଙ୍କର ରଚନା ଚିତ୍ରୋତ୍ପଳା ତଟେ ସନ୍ଧ୍ୟା, କେତକୀଝର, ବିରୂପା ତଟେ, ଡାହାଣିଆ ଖରା ଆଦି ଅନେକ କବିତାରେ ପଲ୍ଲୀର ପ୍ରାକୃତିକ ପରିବେଶ ବର୍ଣ୍ଣନା ସୁନ୍ଦର ଭାବେ ପରିସ୍ଫୁଟିତ ହୋଇପାରିଛି। କବିବର ରାଧାନାଥ ରାୟଙ୍କର ବର୍ଷା ବା ଚିଲିକା କାବ୍ୟ ହେଉ, ଗଙ୍ଗାଧର ମେହେରଙ୍କର ଆଶ୍ରମେ ପ୍ରଭାତ ଅବା ଡକ୍ଟର ମାୟାଧର ମାନସିଂଙ୍କର ମହାନଦୀରେ ଜ୍ୟୋତ୍ସ୍ନାବିହାର, ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କର ଛୋଟ ମୋର ଗାଁଆଟି ହେଉ ଅବା କବି ରାଧାମୋହନ ଗଡ଼ନାୟକଙ୍କର ମୌସୁମୀ କବିତା ହେଉ, ସବୁଠି ପ୍ରକୃତି ଓ ତା'ର ଅନୁପମ ବିଭବ ରୂପ ପରିଗ୍ରହ କରିଛି।

ବିଜ୍ଞାନର ଏଇ ଗୋଟିଏ ବିଭାଗ ପ୍ରକୃତି, ପରିବେଶ ଓ ପର୍ଯ୍ୟାବରଣ ଓଡ଼ିଆ ସାହିତ୍ୟରେ ତା'ର ସ୍ଥିତି ଅନେକଟା ଜାହିର କରିପାରିଛି। ପର୍ଯ୍ୟାବରଣର ଅନ୍ୟ ଦିଗନ୍ତ ଯଥା ବିଶ୍ୱତାପନ, ଜଳବାୟୁ ପରିବର୍ତ୍ତନ, ବାତ୍ୟା, ମହାବାତ୍ୟା, ଏଲ୍‌ନିନୋ ଆଦି ପ୍ରସଙ୍ଗ ଏ ପର୍ଯ୍ୟନ୍ତ ସାହିତ୍ୟ ପ୍ରସଙ୍ଗଭୁକ୍ତ ହୋଇନାହିଁ। ବିଜ୍ଞାନର ଅନ୍ୟାନ୍ୟ ବିଭାଗ, ଯେଉଁଠି ତଥ୍ୟ, ଅନୁଶୀଳନ, ପରୀକ୍ଷଣ, ଯୌକ୍ତିକତାର ପ୍ରାଧାନ୍ୟ ରହିଛି, ତାହା କିପରି ଓଡ଼ିଆ ଭାଷାରେ ପ୍ରକଟିତ ହୋଇପାରିବ, ତାହା ହିଁ ଚିନ୍ତାର ବିଷୟ।



ବିଶିଷ୍ଟ ବଂଗୀୟ କବି ବୀରେନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କର ଏକ କବିତାର ଶୀର୍ଷକ ଥିଲା ଛତିଶ ହଜାର ଲାଇନର କବିତା। ଏହାକୁ ଅନୁବାଦ କରିଥିଲେ କବି ବ୍ରଜନାଥ ରଥ। କବିତାଟିର କିଛି ଅଂଶ ଉଦ୍ଧାର କରୁଛି।

"ମୁଁ ଯଦି ହଜାର ଲାଇନର କବିତା ନ ଲେଖି/ ମଂଜିଟିଏ ମାତ୍ର ପୋତିଥାନ୍ତି ମାଟିରେ/ ଯେଉଁ ଗଛ/ ଦେଇଥାନ୍ତା ଛାଇ/ ଦେଇଥାନ୍ତା ଫୁଲ/ ଆଉ ସେହି ଫୁଲରେ ଆସି ବସିଥାନ୍ତା ପ୍ରଜାପତି/ ସେ ଗଛର ଫଳ ଖାଇ/ ପକ୍ଷୀମାନେ ମେଣ୍ଟାଉଥାନ୍ତେ ଭୋକ।

ମଞ୍ଜି ବା ବୀଜ ହିଁ ସୃଜନର ସନ୍ତକ। ସୃଷ୍ଟି ସମ୍ଭାରର ଅନବଦ୍ୟ ଆଲେଖ୍ୟ। ମଞ୍ଜିରୁ ଗଛ, ଗଛରୁ ଅରଣ୍ୟ, ଉଦ୍ଭିଦଜଗତ-ସୃଷ୍ଟିର ପଞ୍ଚତତ୍ତ୍ୱର ଅନନ୍ୟ ଉପାଦାନ। ଆଜିର ପ୍ରବୀଣ ବିଜ୍ଞାନ ଲେଖକମାନେ ଏମିତି ମଞ୍ଜିଟିଏ ପୋତି ଦିଅନ୍ତେନି, ଯେଉଁଥିରୁ ବିକଶି ଉଠନ୍ତା ସରଳ, ସାବଲୀଳ ବିଜ୍ଞାନର ମୌଳିକ ଗୂଢ଼ ତତ୍ତ୍ୱ। ତାହା ହିଁ ହୁଅନ୍ତା ଜନପ୍ରିୟ ବିଜ୍ଞାନ ସାହିତ୍ୟ ଓ ତହିଁ ସଂଗେ ସଂଗେ ଓଡ଼ିଆ ଭାଷାର ପାରଗପଣ।

– ପୂର୍ବତନ ମୁଖ୍ୟ ସମ୍ପାଦକ, ବିଜ୍ଞାନ ଦିଗନ୍ତ
୫୭-ଜଗମୋହନ ନଗର, ଜାଗମରା,
ପୋ-ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦
ମୋ- ୯୪୩୭୦୦୦୯୦୪

# ମୁଦ୍ରା ଉବାଚ

ମୂଳଲେଖା: ସ୍ୱରୋଚିଷ ସୋମବଂଶୀ | ଅନୁସୃଜନ: ଗନ୍ଧର୍ବସେନ ରଣା

(କଥାଟି ସେଇଦିନର, ଯେଉଁଦିନ ପାଞ୍ଚଟଙ୍କିଆ ମୁଦ୍ରାର ଦୁଇହଜାର ମୂଲ୍ୟର ନୋଟ୍ ସହ ସାକ୍ଷାତ୍ ହୋଇଥିଲା...)

ମୁଦ୍ରା-ନମସ୍ତେ ସାର୍,

ନୋଟ୍-ପୁଅ, ନମସ୍ତେ। କଥା କ'ଣ? ଅବେଳାରେ ଆସିଲ। କିଛି ପ୍ରୋବ୍ଲେମ୍ ଅଛି କି?

ମୁଦ୍ରା-ନାଇଁ ସାର୍, ସେଇପରି ଆସିଗଲି। ରାସ୍ତାରେ ଯାଉଥିଲି ତ!

ନୋଟ୍-ଯଦି କିଛି ଅଛି କହ, ଦେଖିବା କ'ଣ କରିହେବ। ହଁ, କେତେ ଘଷରା ହୋଇଗଲୁଣି ମ! କୋଉ କାଳର କି ତୁ?

ମୁଦ୍ରା-ସାର୍, ଏଇ ନବେ ମସିହାର। ହେଲେ ଆପଣଙ୍କ ଏଇ ଲାଲ ସୁଟ୍ କେଉଁବେଳାର ସାର୍..., ଆଉ ଏଇ ଯେଉଁ କଳାକୃତି ସବୁ... ଫଟୋରେ ଖୁବ୍ ସୁନ୍ଦର ଦୃଶ୍ୟ ହେଉଛନ୍ତି।

ନୋଟ୍-ୱେଲ୍, ଥ୍ୟାଙ୍କ୍ସ। ଏଇ ଗତବର୍ଷର। ଲାଟେଷ୍ଟ ଜେନେରେଶନ... ଖୁବ୍ ଚକ୍‌ଚକ୍ ଓ ଷ୍ଟ୍ରଙ୍ଗ୍।

ମୁଦ୍ରା-ହେଲେ ସାର୍, ଶୁଣୁଛି ଦୁଇଶହ ମୂଲ୍ୟର ନୋଟ୍, ଲଞ୍ଚ ହେବାକୁ ଯାଉଛି...।

ନୋଟ୍-କି ବୋକାମି... ଡୋଣ୍ଟ ଟକ୍ ଲାଇକ୍ ନ୍ୟୁଜ୍‌ପେପର କ୍ଲିପିଙ୍ଗ୍। ଏବେ ସେସବୁ ଯୋଜନା ନାହିଁ।

ମୁଦ୍ରା-ଯା' ହେଉ ସାର୍, ଆପଣ ମଦମସ୍ତ ଲେଦର ପର୍ସ ଭିତରେ ରହୁଛନ୍ତି। ଆଉ ଆପଣଙ୍କ ପଡ଼ୋଶୀ ପାଞ୍ଚଶହ, ଶହେଙ୍କ ଗହଣରେ... ଆମର ତ ସେଇ ଦୁଇଟଙ୍କିଆ, ଟଙ୍କିକିଆ ସାଥିରେ। ଯଦି ଆପଣ ଦୟାକରି ଆମ ବସ୍ତି ଆଡ଼କୁ ଟିକେ ଯାଆନ୍ତେ, ଖୁବ୍ ଭଲ ଲାଗନ୍ତା।

ନୋଟ୍-ଏବେ ଟାଇମ୍ ନାହିଁ। ସହଜେ ତ ଚାରି ପାଞ୍ଚଶହ ମୁଦ୍ରାର ଦୁର୍ଗନ୍ଧକୁ ସହ୍ୟ କରି ହେବନି। ତୁମେମାନେ ଗରିବ ଓ ମଇଳା ଲୋକଙ୍କ କରେନ୍ସି, ୟୁ ଷ୍ଟିଙ୍କ୍! ମୁଁ ସଦାସର୍ବଦା ଧନିକଙ୍କ ପର୍ସରେ ହଲ୍‌ଟ କରୁଛି। ଶହେ ମୂଲ୍ୟର କମ୍ ନୋଟ୍ ସହ ହାତ ମିଳାଇବାଟା ଇଜ୍ ଜଷ୍ଟ ୱେ ଟୁ ଡାଉନ୍ ମାର୍କେଟ୍! ହଁ, ତୁମ ରଙ୍ଗ ତ ଠିକ୍‌ଠାକ୍। ଆଜିକାଲି କେଉଁଠି ରହୁଛ।

ମୁଦ୍ରା-ସାର୍, ଧନ୍ୟବାଦ, ମୋ' ପୁଅ ପାଖରେ।

(ହଠାତ୍ ବର୍ଷା ଆସିଗଲା...)

ନୋଟ୍-ଉଃ, ଉଃ, ଇଏ କ'ଣ ହେଉଛି? ଏତେ ପ୍ରଖର ବର୍ଷା...

ମୁଦ୍ରା-ସାର୍, କେଉଁଠି ଲୁଚି ଯାଆନ୍ତୁ, ନହେଲେ ଓଦା ହୋଇଯିବେ।

ନୋଟ୍- ଆରେ, ମୋର କିଛି ହେବନି। ବହୁତ ବର୍ଷା ଦେଖିଛି... ଏକ୍ସଟ୍ରା କୋଟେଡ୍ ଅନ୍ ଥିଙ୍କ୍‌ଡ ପେପର ୱିଥ୍ ୱାକ୍ସଡ ଗ୍ଲସି ସରଫେସ୍ ଅଛି।

(ନୋଟ୍ ପାଣିରେ ମିଳେଇଗଲା। ମୁଦ୍ରା ତା' ପକେଟରୁ ସାବୁନ୍ ବାହାର କରି ରଗଡ଼ି ରଗଡ଼ି ସ୍ନାନ କରିବାରେ ଲାଗିଲା। ପରେ ପରେ ବର୍ଷା ପଡ଼ିବା ବନ୍ଦ ହୋଇଗଲା)

ନୋଟ୍-ଉଃ... ଶିଟ୍... ପୂରାପୂରି ଓଦା କରିଦେଲା। ଚିନ୍ତା ନାହିଁ, ଟିକେ ପରେ ଶୁଖିଯିବ।

ମୁଦ୍ରା- ହଁ, ସାର୍ ପବନ ଆସିଗଲା, ଆଉ ତୋଫାନର ପୂର୍ବାଭାସ ମଧ୍ୟ।

ନୋଟ୍-ଆରେ କିଛି ହେବନି। ଆମ ଓଜନ, ଗତ ଏଡିସନ୍‌ଠାରୁ ଦେଢ଼ଗୁଣା ଅଧିକ। ତୁ ବ୍ୟସ୍ତ ହଅନା। ଆରେ ଏତେ ଯୋର ପବନ, ମୋତେ ବଞ୍ଚାଅ।

(ମୁଦ୍ରା ଲମ୍ଫ ମାରି ଓଦା ନୋଟ୍‌କୁ ଚାପି ଦେଲା। ପବନ ଚାଲିଗଲା)

ନୋଟ୍-ଉଃ...ପୂରାପୂରି କାଦୁଅ ମୋ' ଉପରେ ଅଜାଡ଼ି ପଡ଼ିଲା। ଆଜିର ଦିନଟା ତ ଖରାପ। କିଛି ନାହିଁ, ପାଖରେ ହୋଟେଲ। ତନ୍ଦୁର୍ ଚୁଲା ପାଖରେ ବସି ପୂରା ଶୁଖିଯିବା।

ମୁଦ୍ରା-ହେଲେ ମୁଁ ଭାବୁଛି, ଏଇଟା ଠିକ୍ ନୁହେଁ।

ନୋଟ୍-ଆରେ, ତୁ କ'ଣ ଜାଣିଛୁ ବଡ଼ ହୋଟେଲ ବିଷୟରେ। ସଦାବେଳେ ତ ମୋଚି ଅଥବା ଭିକାରିଙ୍କ ପାଖରେ ରହୁଛୁ।

ମୁଦ୍ରା-ସାର୍, ସେଇୟା ନୁହେଁ। ପଞ୍ଚାନବେ ଯାଏ ଆମେ ହୋଟେଲ ବୟକୁ ଟିପ୍‌ସ ଆକାରରେ ଦେଉଥିଲୁ। ଆମର ମଧ୍ୟ ପ୍ରଶଂସା ଗାନ ହେଉଥିଲା। ହଁ, ଏବେ ଆମର ଛୋଟ ଛୋଟ ହୋଟେଲରେ ଟିପ୍ସ ଯୋଗ୍ୟ ଅଛି।

ନୋଟ୍-ମୁଁ ଯାଉଛି, ଚାହିଁବ ତ ମୋ' ସହ କିଛି ସମୟ ଅତିବାହିତ କରିପାରିବ, ଖରାପ ଲାଗିବ ନାହିଁ। (ନୋଟ୍ ତନ୍ଦୁର ଚୁଲାର ଉପରିଭାଗରେ ପହଞ୍ଚିଗଲା)

ମୁଦ୍ରା- ଆପଣ ଟିକେ ସମ୍ଭାଳି ରୁହନ୍ତୁ!

ନୋଟ୍-ମୁଁ ଏଥିରେ ଅଭ୍ୟସ୍ତ। ତୋ' କଥା ଭାବ୍, ବାଃ, ଉଷ୍ମତା... ମୁଁ ପୁଣି ଟାଙ୍ଗା ହୋଇଯିବି। ଟାହୁଁଟାହୁଁ ରୋଷେୟାର ହାତ ବାଜିବାରେ ଚୁଲା ଭିତରକୁ ଚାଲିଗଲା। ସେଇଠି ଚିତ୍କାର କଲା ବଞ୍ଚାଅ, ବଞ୍ଚାଅ, ମୁଦ୍ରା ମୋତେ ବଞ୍ଚା, ମୁଁ ତଳକୁ ଖସିପଡ଼ିଲି।

ମୁଦ୍ରା-ସାର୍, ଏବେ ଦେଖୁଛି, କ'ଣ କରିପାରିବି। କିଛି ସମୟ ଚିନ୍ତା କରି କହିଲା- ସାର୍ ମୋ' ଭଳି ଦୁଇଶହଟାର ଜୀବନ ଆପଣଙ୍କ ଜୀବନ ସମ। ମୁଁ ଆପଣଙ୍କୁ ନିଶ୍ଚୟ ବଞ୍ଚାଇବି। କହି କହି ମୁଦ୍ରା ଭିତରକୁ ଝାମ୍ପ ମାରିଲା।

ଦୁଇ ଘଣ୍ଟା ପରେ ତନ୍ଦୁର ଶାନ୍ତ ପଡ଼ିଲା। କେବଳ ମାତ୍ର ଦୁଇଟି ଜିନିଷ ବଞ୍ଚିରହିଲେ। ଅଙ୍ଗାର ଓ ମୁଦ୍ରା।

– ଏମ୍.ଏ.-୫୩, ଜିଜିପି କଲୋନୀ, ଭୁବନେଶ୍ୱର-୨୫

ବିଶେଷ ଗଳ୍ପ

# ସେଦିନ ଚୈତ୍ର ମାସ

ସଂଯୁକ୍ତା ମହାନ୍ତି



ଚିତ୍ର-୧

ସେଦିନ ଚୈତ୍ର ମାସ।

କଲକାତା ଆକାଶରେ ସନ୍ଧ୍ୟା ଓହ୍ଲେଇ ଆସୁଛି। କ'ଣ ଚାହେଁ ଅବିନାଶ। ଅନ୍ଧାର ଘର। ଅନ୍ଧାର ସାଙ୍ଗରେ ତା' ଓଠରେ ଓହ୍ଲାଇ ଆସେ ଏତେ ଶୂନ୍ୟତା! ମନହୁଏ ଏହି ଅନ୍ଧାରର ନିବିଡ଼ତା ଭିତରେ ସେ ଆସିବ। ତା' ଓଠ ରଖିବ ଗଭୀର ଦୀର୍ଘ ଅନ୍ଧକାରକୁ ଆମନ୍ତ୍ରଣ ଦେଇ। ସେଥିପାଇଁ କି ଏତେ ଶୂନ୍ୟତା ଜମୁଥାଏ! କାହିଁକି ଏତେ ଇଚ୍ଛାହୁଏ ଏଇ ଅନ୍ଧାରର ନିବିଡ଼ତା ସାଙ୍ଗେ ହଜିବାକୁ! କୁଆଡ଼େ ନ ଯାଇ! ଘଣ୍ଟାଘଣ୍ଟା କେବଳ ପଡ଼ି ରହିବାକୁ ନୀରବତା ଭିତରେ! ଓଠଟା ଏତେ ଜାଗ୍ରତ ହୋଇଉଠେ! କ'ଣ ସେ ଚାହେଁ?

ଏତେ ଆକୁଳତା କେବେ ଥିଲା କି! ଏତେ ସୁନ୍ଦରତା! ଓଠରେ ଭାଙ୍ଗିପଡ଼େ ସବୁବେଳେ ସବୁଜ ଅରଣ୍ୟ। ନିଘଞ୍ଚ ଗଭୀର ଆଦିମତା।

ଅନ୍ଧାର ଆସୁଛି। ଦୂରରୁ ଶୁଭୁଛି ଗାଡ଼ିମୋଟରର ଘଡ଼ଘଡ଼ ସ୍ତିମିତ ଶବ୍ଦ। ମିଳେଇ ଯାଉଛି ଦୂରରେ। ପାଖେଇ ଆସୁଛି ବି। ଶବ୍ଦ ସବୁ କୋଳାହଳ ତୋଳେ ଏ ଘରର ଆରପାରେ। ଝାପ୍‌ସା ଅନ୍ଧାର ଭିତରେ ଘାସ, ଫୁଲଗଛ ଦୋହଲୁଥାଏ ଆନମନେ। ପ୍ରଜାପତି ଚୁପ୍ ହୋଇଯାଇଥାଏ କ୍ଳାନ୍ତ ଡେଣା ଜାକି।

ହଁ। ଏ ଲଗ୍ନରେ ଆଗେଇ ଆସେ କାହାର ପାଦଶବ୍ଦ ଶିଡ଼ିରେ। ସେହି ପାଦ ଶବ୍ଦ କେବେ ଅସ୍ପଷ୍ଟ ତ କେବେ ସ୍ପଷ୍ଟ। ସେ ଉତ୍‌କୀର୍ଣ୍ଣ ହୁଏ। ଶୁଣିବାକୁ ପାଏ କାହାର କୁଣ୍ଠିତ କଲିଂବେଲ୍‌ର ଶବ୍ଦ। କେଜାଣି ଗୋଟାଏ ଝଡ଼ପରର ସ୍ତବ୍ଧତା ତା' ଭିତରେ ଘୋଟିଆସେ। ସେ ଚୁପ୍‌ଚାପ୍ କବାଟ ଖୋଲିଦିଏ। ଆଉ ଦେଖେ ଭୀରୁ, ଶଙ୍କିତ, ମୌନ ନୀରବ ଭାଷା ନେଇ ଠିଆ ହୋଇଛି ସେ।

ସେ ଡାକେ ଭିତରକୁ ଆସ!

ଚିତ୍ର-୨

ସେଦିନ ଚୈତ୍ର ମାସ।

ଚୈତ୍ରର ଏ ଭାରି ଅଳସ ଲଗ୍ନ। ମନ ଉଡ଼ିଯାଏ କେଉଁ ଚଢ଼େଇ ଡେଣାରେ। ଇତସ୍ତତଃ ଘୂରିବୁଲେ ନୀଳ ଆକାଶ ତଳେ। ଏତିକିବେଳେ ଏଫ୍‌ଏମ୍‌ରେ ଭାସିଆସେ ରବିର ଗାନ। ଟାଙ୍କୁରି ଉଠେ ତା' ଦେହର କୋଷରେ କୋଷରେ ଯେତେ ଇଲେକ୍‌ଟ୍ରନ୍। ତା' ସାଙ୍ଗକୁ ନୀରବ, ନିସ୍ତବ୍ଧ ଘରର ଇଟା ସିମେଣ୍ଟ ବି ଜାଗିଉଠନ୍ତି। ସେଇତ କିମିଆ ରବିର। ପଥର ଦେହରେ ବି ଶିହରି ଉଠେ ତା'ର ଗାନର ମଧୁର ଝଙ୍କାର। ସେ ବା କେତେକେ! ଚଢ଼େଇ ସବୁ ଉଡ଼ିଆସି ବସିଲେ ବାଲ୍‌କୋନିରେ। ଠୁକ୍‌ଠୁକ୍ ଡେଇଁ ପଶିଗଲେ ଘର ଭିତରେ। ଘାସ ଉପରେ କପୋତଟି ତଳକୁ ମୁହଁପୋତି ଚାଲେ। ଉଡ଼ିଯାଏ ପାଣିଟାଙ୍କିର ପାଣି ପାଇପ୍ ଉପରକୁ। ଭିଜାଭିଜା ଚୈତ୍ର। ଭିଜାଭିଜା ମନ। ସେ ବାହାରେ ରବୀନ୍ଦ୍ର ସରୋବର। ମ୍ଳାନ ସନ୍ଧ୍ୟା। ଛଳଛଳ ସରୋବରର ଜଳ। ପବନର ସୁହାଗରେ ମତୁଆଲା। ଉପରେ ରୂପସୀ ଜହ୍ନ। ଚାରି ଦିଗରେ ପଳାଶର ତୀବ୍ର ଆବେଦନ। ନିଆଁ ବାହାରୁଛି ଅବା ସେ ଦେହରୁ। ମହକିତ ସରୋବର। ଛାୟାଘନ ବୃକ୍ଷରେ, ଚଢ଼େଇର ଚିଁ... ଚିଁ... ସୁରରେ।

ସେହି ଝାପ୍‌ସା ଆଲୁଅ ଭିତରୁ ଆଗେଇ ଆସେ କିଏ ସେହି ନାରୀ! ରଙ୍ଗର ପସରା ଅଜାଡ଼ି ବସନ୍ତର ପାଦେପାଦେ? ମର୍ମରିତ ହେଉଛି ପତରେ ପତରେ "ଜଲେସ୍ଥଲେ ବନତଲେ ଲାଗଲ ଯେ ବୋଲ... ରଙ୍ଗାହାସି ରାଶିରାଶି ଅଶୋକେ ପଲାସେ। ରଙ୍ଗନିଶା ମେଘେନିଶା ପ୍ରଭାତ ଆକାଶେ... ମୌମାଛି ଫିରେ ଯାଚି ଫୁଲେର୍ ଦକ୍ଷିଣା। ପାଖାଏ ବଜାଏ ତା'ର ଭିଖାରିର ବୀଣା...।"

ସେ ଆଗେଇ ଆସେ। ଖୁବ୍ ପାଖକୁ। ପଳାଶର ନିଶା ତା' ଶାଢ଼ିରେ ଫୁଟିଉଠେ। ନିକଟରେ ଯାଇଥିବା ହୋଲିର ରଙ୍ଗରେ ବସନ୍ତର ଛୁଆଁରେ, ଏଇ ଉଇଁ ଆସୁଥିବା ଜହ୍ନରେ। କେମିତି ସେ ଆସେ?

ସେ ବସିପଡ଼େ ଗୋଟାଏ ଗଛ ଛାଇତଳେ ବେଞ୍ଚରେ। ସେହି ନାରୀ ଆଗେଇ ଆସେ ଆଉ ଚୁପ୍‌ଚାପ୍ ବସିପଡ଼େ ତା' ପାଖରେ। ସେ ତା'ର ପାପୁଲି ଖୋଲେ। କୁହେ-କାହିଁ ରଙ୍ଗ ତ ଲାଗିନି ଫଗୁ ପୂର୍ଣ୍ଣିମାରେ!

ସେ ତା'ର ରଙ୍ଗିଲା ହାତର ପାପୁଲି ଖୋଲେ ଆଉ ତା' ଗାଲରେ ମାଡ଼ିଦିଏ। ରଙ୍ଗରେ ଭିଜୁଥାଏ ସେ।

ଚିତ୍ର-୩

ସେଦିନ ଚୈତ୍ର ମାସ। ଝରଝର ବର୍ଷା ଝରେ ଏ ଲଗନେ। ହଳଦୀ ରାଧାଚୂଡ଼ାର ବିରହବେଦନା ଭିଜା ଶରୀର। କାହାପରି ଦିଶୁଛି ଏ ଭିଜା ପୃଥିବୀ! ତୁମେ କେଉଁଠି! ଅବା ତୁମର ଭିଜାଚୂଳ ଇତସ୍ତତଃ। ଝରିପଡୁଛି ବର୍ଷା ଟୋପା। ତୁମ ଆଖିରେ ଭିଜାଭିଜା ସ୍ୱପ୍ନ। ସେ ସ୍ୱପ୍ନ ଝରୁଛି ମୋ' ଓଠରେ। ଆଉ ଏ ବାଦଲ ଯେତେ ଘନେଇ ଆସେ ନିବିଡ଼ କରି ବୁକୁତଳ ବ୍ୟଥା। ସଜନାଗଛରେ ବସି କାକ ଭିଜେ। ଚାତକ ପରି ଚାହିଁଥା'ନ୍ତି ଆକାଶକୁ କପୋତ କପୋତୀ ଦୁଇଟା। ସେମାନଙ୍କ ହଲିହଲି ଘାସ ଉପରେ ଚାଲିବା ଶେଷ ହୋଇଥାଏ। ଆଧାର ନ ଖୋଜି ଉଡ଼ିଯାନ୍ତି ଛାତ ଉପରକୁ। କୃଷ୍ଣ ମେଘର ପ୍ରେକ୍ଷାପଟରେ ମୌନ ବଳାକା ଉଡ଼ିଯାଏ କେଉଁ ନୈମିଷାରଣ୍ୟେ? ସେ ବି ମୁଗ୍ଧ ମୌନ କାହା ପ୍ରତୀକ୍ଷାରେ? ଆସ୍ତେ ଆସ୍ତେ ଦିନଯାଏ। ମେଘର ଜମାଟବନ୍ଧା ଅଭିସାର। କେଉଁ ଦେଶର ବାର୍ତ୍ତା ନେଇ କେଉଁ ଦେଶକୁ ଯାଏ? ଆଉ ଠିକ୍ ଏଇ ସମୟରେ କିଏ ପହଞ୍ଚେ। ହଳଦୀ ରାଧାଚୂଡ଼ା ରଙ୍ଗର ଶାଢ଼ିରେ ସେହି ଅପରୂପ ଦ୍ୟୁତି ଝଲସି ଉଠେ! ଘନକୃଷ୍ଣ କବରୀରେ ତା'ର ଚୈତ୍ରର ବାଦଲ ଯେତେ ଆଶ୍ରୟ ନେଉଥାଏ। ଝରୁଥାଏ ମେଘ ତା'ର ଅଙ୍ଗ ବସ୍ତ୍ରରୁ।

ସେ କୁହେ ଝାପ୍‌ସା କଣ୍ଠରେ- ଶାଢ଼ିଟା ବଦଳି ପକାଅ।

– ନା। ଥାଉ। ଚୈତ୍ରକୁ ମୁଁ ଭଲପାଏ। ଏ ଆକାଶଭରା କଳା ମେଘକୁ। ବଞ୍ଚିବାକୁ ଭଲପାଏ ଝଡ଼ ହୋଇ।

ସେମାନେ ମଗ୍ନ ବୃଷ୍ଟିରେ। ସେମାନେ ମଗ୍ନ ଝଡ଼ରେ। ଝଡ଼ କମୁଛି। ପଶ୍ଚିମ ଆକାଶ ପୁଣି ରଙ୍ଗିନ୍।

– କ'ଣ ଦେଖୁଛ?

– ମେଘ ଭିତରୁ ଠିକରି ପଡୁଥିବା ଆଲୁଅର ମାୟାମୟ ଏଇ ରଙ୍ଗ।

– ଏ ତ ଅସ୍ତଗାମୀ।

– ତେବେ ବି ଚିରନ୍ତନ। ବିଦାୟ ନୁହେଁ। ଏଇ ମୁହୂର୍ତ୍ତ ହିଁ ଯୋଗଦେବ ନୂତନକୁ ବରଣ କରିବାକୁ। ଚିରକାଳ।

ଆମେ ରହିବୁ... ରହିଥିବୁ... ଏଇ ରଙ୍ଗର
ଜୁଆରରେ ମାତି। ଫେରିଆସ ତୁମେ...। ଫେରିଆସ।
ଆସିବାକୁ କହିଥିଲ। ଆସିଲନି ଯେ!

– ରାଜାବଗିଚା, କଟକ

# ଆଲବମ୍ ନିଶା

ତ୍ରିନାଥ ପଟ୍ଟନାୟକ

ଆଲବମ୍ ଗୀତ ଶୁଣିଲେ ନାରଣାର ମନଟା କେମିତି ଛନଛନିଆ ହୋଇଉଠେ। ଇଚ୍ଛା ନ ଥିଲେ ବି ନାଚିବାକୁ ଓ ହାତ ଉଠାଇ ଡେଇଁବାକୁ କିଏ ଯେମିତି ପେଟ ଭିତରୁ ତାକୁ କୁତୁକୁତୁ କରେ।

ଏବେ ଆଲବମ୍ ଯୁଗ ଆସିଛି। ଆଧୁନିକ ଗୀତ ନାଁରେ ନାନା ଆଜେବାଜେ ଦ୍ୱି-ଅର୍ଥବୋଧକ ଗୀତ ବାଜୁଛି। ଠାକୁରଙ୍କ ନାଁ ଦେଇ ଭଜନରେ ମଧ୍ୟ ରସରସିଆ ପ୍ରେମ କଥାକୁ ଯୋଡ଼ି ଦିଆଯାଇ ଅତି ବେଖାତିର ଭାବେ ଆମ ଦେବଦେବୀଙ୍କୁ ସମ୍ବୋଧନ କରାଯାଉଛି। ଝିଅ ପୁଅଙ୍କର ଉଦଣ୍ଡ ନୃତ୍ୟ ଓ ଅଧାଲଙ୍ଗଳା ବେଶଭୂଷା ଦେଖିବାକୁ କିଛି ଲୋକଙ୍କୁ ସୁହାଉଛି। ଯାତ୍ରା ପାର୍ଟିମାନଙ୍କରେ ରେକର୍ଡ ଡ୍ୟାନ୍ସ ନାଁରେ ଏସବୁ କ୍ୟାସେଟ୍‌କୁ ବ୍ୟବହାର କରାଯାଉଛି। ଆମେ ସବୁ ଆମ ଝିଅମାନଙ୍କର ମୁକୁଳା ଦେହକୁ ମନ୍ତ୍ରମୁଗ୍ଧ ନେତ୍ରରେ ଚାହିଁ ପିଇଯାଉଛୁ।

ନାରଣା ଏସବୁ ଆଲବମ୍ ଦେଖିଦେଖି ନିଜକୁ ଜଣେ ଆଲବମ୍ ହିରୋ ବୋଲି ଧରି ନେଇଛି। ସୁବିଧା ମିଳିଲେ ଯେତେ କଷ୍ଟ ହେଉପଛେ ସେ ଏଥିରେ ଭାଗ ନେବ ବୋଲି ମନରେ ଭାବିନେଇଛି। ଆଃ! କି ସୁନ୍ଦର ନାଚ ନାଚୁଛନ୍ତି ହିରୋମାନେ ଅତ୍ୟାଧୁନିକ ଝିଅଗୁଡ଼ାଙ୍କ ସହିତ। ସେ ଯଦି ଡ୍ୟାନ୍ସ କରନ୍ତା, ତା' ଅଭିନୟ ଦେଖି ଲୋକମାନେ ବାଃ ବାଃ କରନ୍ତେ। ଝିଅମାନେ ତା' ପ୍ରତି ଆକୃଷ୍ଟ ହୁଅନ୍ତେ!

ନାରଣା ସେମିତି କିଛି ବିଶେଷ ପାଠ ପଢ଼ି ନ ଥିଲା। ନାଚ ତାମସାରେ ସମୟ ଦେଇ ଅଧାରୁ ପାଠ ଛାଡ଼ିଛି। ଘରେ ଚାଷବାସ କଥା ବୁଝେ। ନାରଣାର ମନକଥା ମନରେ ଥାଏ। ଦିନେ ଦେଖାହେଲା ତା'ର ସମବୟସ୍କ ମାମୁ ବିକା ସହ। ବିକା ନାରଣାର ନିଜ ମାମୁ ନୁହେଁ। ନାରଣା ବିକା ମାମୁକୁ ନିଜ ମନକଥା କହିଲା।

ବିକା କହିଲା– ବୁଝିଲୁ ନାରଣା, ତୋତେ ତ ଏଇକଥା କହିବାକୁ ମୁଁ ଯାଉଥିଲି। ଯାହା ହେଉ ଭେଟ ପଡ଼ିଗଲୁ। ଆମ ଗାଁକୁ ଭୁବନେଶ୍ୱରରୁ ଏଲି ଦିଦି ଆସିଛନ୍ତି। ତାଙ୍କର ବନ୍ଧୁଘର ଏଠି। ଭୁବନେଶ୍ୱରରେ ସେ ସିନେମା କରନ୍ତି। ତାଙ୍କର ନିର୍ଦ୍ଦେଶନାରେ ଆଲବମ୍ ଡ୍ୟାନ୍ସ ହୁଏ। ଆଉ କୋର୍ଟରେ ମଧ୍ୟ ସେ ଓକିଲାତି କରନ୍ତି। ସେ ଗାଁଗଣ୍ଡାରୁ କଳାକାର ଖୋଜୁଛନ୍ତି। ସହରମାନଙ୍କରେ ଗାଁ ଗହଳି ଭଳି ଭଲ କଳାକାର ଆଉ ଆଜିକାଲି ମିଳୁନାହାନ୍ତି। ତୁ ଯଦି କହିବୁ, ତେବେ ତୋତେ ନେଇ ଏଲି ଦିଦିଙ୍କ ସଙ୍ଗେ ଦେଖା କରାଇଦେବି। ଏଲି ଦିଦି ସିନା ଝିଅ, କିନ୍ତୁ ତାଙ୍କର ଚାଲିଚଳଣି ସବୁ ପୁଅମାନଙ୍କଠାରୁ ବଳି। ସେ ସୁନ୍ଦରୀ ନାରୀ ଚେହେରା ଭିତରେ ପୁରୁଷର ଉଦ୍ଦାମତାକୁ ସେ ଚପେଇ ରଖିଛନ୍ତି। କେହିକେହି ତାଙ୍କୁ ସହି ପାରୁ ନ ଥିବା ଲୋକେ କହନ୍ତି ସିଏ ଗୋଟିଏ ହେଞ୍ଜଡ଼ି। ବାହାରକୁ ଆସିଲେ ଡ୍ରେସ୍ ପିନ୍ଧନ୍ତି; କିନ୍ତୁ ଘରେ ଲୁଙ୍ଗି ପିନ୍ଧି ବୁଲୁଥା'ନ୍ତି। କାମ ହେଲା ମଫସଲରୁ ସୁନ୍ଦରୀ ଝିଅମାନଙ୍କୁ ଶିଖେଇ ବୁଝେଇ ସହରକୁ ନେବା। ସିନେମା ଆଉ ଆଲବମ୍‌ରେ ପାର୍ଟ ଦେଇ ନଚେଇବା। ପୁଅମାନଙ୍କୁ ମଧ୍ୟ ସେ ଭଲପାଆନ୍ତି। ହତାଦର କରନ୍ତି ନାହିଁ।

ଯାତ୍ରା ପାର୍ଟିବାଲାଏ ଏଲି ଦିଦିଙ୍କ ପିଛା ଧରି ଥାଆନ୍ତି। ତାଙ୍କ ମାଧ୍ୟମରେ ନାମକରା ପାର୍ଟିମାନେ ହିରୋଇନ ସବୁ ପାଇଯା'ନ୍ତି। ନାରଣାକୁ ସାଥିରେ ଧରି ବିକା ଏଲି ଦିଦିଙ୍କ ପାଖରେ ପହଁଚିଲା। ବିକା ନାରଣା ମନର କଥାକୁ ଖୋଲି ଏଲି ଦିଦିଙ୍କୁ ଜଣାଇଦେଲା। ଏଲି ଦିଦି ଟିକିଏ ଫିକାଳିଆ ହସ ହସିଲେ। ତା'ପରେ ହୋ ହୋ ହୋଇ ହସି ଉଠିଲେ– ଆରେ ଏ ତ ହିରୋ ଭଳି ଦିଶୁଛି। ଆଲବମ୍ କଥା କ'ଣ କୁହୁଛୁ ମ! ସିନେମାରେ ପରା ହିରୋ ବନାଇଦେବି। ଏଇ ନିକଟରେ ଚାରିପାଞ୍ଚଟା ଆଲବମ୍ ଆଉ ଦି'ଟି ସିନେମା ରିଲିଜ୍ ହେବାକୁ ଯାଉଛି। କେବଳ ନାରଣାକୁ କାହିଁକି ବିକାକୁ ମଧ୍ୟ ଏଥିରେ ଚାନ୍ସ ଦେଇ ହେବ।

ଏକଥା ଶୁଣି ନାରଣା ଓ ବିକା ଉତ୍‌ଫୁଲିତ ହୋଇ ଉଠିଲେ। ସେ ଦୁହିଁଙ୍କ ରାଣୀଫୁଲିଆ ହସ ଦେଖି ଏଲି ଦିଦି କହିଲେ– ମୁଁ ଭୁବନେଶ୍ୱର ଫେରିଯାଉଛି। ମୋତେ ତୁମର କଣ୍ଟାକ୍ଟ ନମ୍ବର ଦେଇଯାଅ। ମୁଁ ଫୋନ୍‌ରେ ଡାକିଲେ ତୁମେ ଦୁହେଁ ଭୁବନେଶ୍ୱର ଯାଇ ମୋତେ ଦେଖାକରିବ। ହଁ ଶୁଣ, ତୁମେ ଦୁହେଁ ତ ମଫସଲରେ ରହୁଛ। ସେମିତି ପାଠ ପଢ଼ି ନ କି ଫିଟ୍‌ଫାଟ୍ ମଧ୍ୟ ନୁହଁ। ତୁମକୁ ଭଲ ଡ୍ରେସ୍ ପିନ୍ଧିବାକୁ ହେବ। ଭଡ଼ାରେ ଟ୍ୟାକ୍ସି କରି ଶୁଟିଂ ସ୍ଥାନକୁ ଯିବାକୁ ହେବ। ଏ ଲାଇନ୍‌କୁ ଆସିବାକୁ ହେଲେ ପ୍ରଥମେ ପ୍ରଥମେ କିଛି ଖର୍ଚ୍ଚ କରିବାକୁ ହେବ। ସହରିଆ ହେବାକୁ ପଡ଼ିବ। ଦୁହେଁ ମିଶି ଟଙ୍କା କୋଡ଼ିଏ ହଜାର ସରିକି ଯୋଗାଡ଼ କର। ହଁ, ଭୁବନେଶ୍ୱର ଆସିଲା ବେଳେ ଟଙ୍କା ସାଥିରେ ନେଇ ଆସିଥିବ। ସହରରେ ପହଞ୍ଚି ହିରୋ ଭଳି ଚଳିବ। ପଇସାକୁ ଖାତିର କରିବ ନାହିଁ କିମ୍ବା ଲୋଚାକୋଚା ହେବ ନାହିଁ। ପ୍ରଥମେ ପ୍ରଥମେ କଷ୍ଟ ହେବ। ଆଲବମ୍‌ରେ ଦୁଇ ଦୁଇଥର ଚାନ୍ସ ପାଇଗଲା ପରେ, ସିନେମାବାଲାଏ ଶୂନ୍ୟେ ଶୂନ୍ୟେ ତମକୁ ଉଠାଇ ନେବେ। ସେଇଠୁ ତୁମେ ଧନରେ କୁବେର ହୋଇଯିବ। ବ୍ୟାଙ୍କ ବାଲାନ୍ସ ବଢ଼ିଯିବ। ନିଜର କାର ଓ ଫ୍ଲାଟ ଟାଉନରେ ହୋଇଯିବ। ଏତିକି କହି ଏଲି ଦିଦି ସେଦିନ ଭୁବନେଶ୍ୱର ଫେରି ଆସିଲେ।

ସତକୁ ସତ ଦିନେ ଏଲି ଦିଦିଙ୍କଠାରୁ ନାରଣା ଫୋନ ପାଇଲା। ଆସନ୍ତାକାଲି ଖଣ୍ଡଗିରି ତଳେ ନୂଆ ଆଲବମ୍ ଶୁଟିଂ ଚାଲିବ। ତୁମ ଦୁହିଁଙ୍କର ସ୍କ୍ରିନ୍ ଟେଷ୍ଟ କରାଯିବ। ଜଲ୍‌ଦି ଆସ। ହଁ, ଆସିଲାବେଳେ ମୁଁ ଯାହା କହିଥିଲି ନେଇ ଆସିଥିବ, ଯଦି ପୂରା ହୋଇପାରୁନି, ଯାହା ଅଛି ଆଣି ଆସିବ।

ଏଲି ଦିଦିଙ୍କ ଫୋନ୍ ପାଇ ନାରଣା ଆନନ୍ଦରେ ବ୍ୟତିବ୍ୟସ୍ତ ହୋଇ ଉଠିଲା। ସତେ ଯେପରି ଖୁସିରେ ତା' ଛାତି ଦି'ଫାଳ ହୋଇଯିବ। ବିକା କିନ୍ତୁ ଅମଙ୍ଗ ହେଉଥାଏ। କାରଣ ହଠାତ୍ ଏତେ ଟଙ୍କା ଯୋଗାଡ଼ କରିବା ତା' ପକ୍ଷେ ସମ୍ଭବ ନୁହେଁ। ନାରଣା ଦମ୍ଭ ଦେବାରୁ ବିକା କିଛି ଟଙ୍କା ଯୋଗାଡ଼ କଲା। ଦୁହେଁ ଫିଟ୍‌ଫାଟ୍ ହୋଇ ସହର ଅଭିମୁଖେ ବାହାରି ପଡ଼ିଲେ।

ଖଣ୍ଡଗିରି ପାହାଡ଼ ତଳେ ଆଲବମ୍ ଶୁଟିଂ ଚାଲିଥାଏ। ଏ ଦୁହେଁ ଏଲି ଦିଦିଙ୍କୁ ଖୋଜିଲେ, କିନ୍ତୁ ପାଇଲେ ନାହିଁ। କିଛି ଦୂରରେ ଠିଆ ହୋଇ ରହିଲେ। ଶୁଟିଂ ଜାଗାରେ ଥିବା ଲୋକଙ୍କ ମଧ୍ୟରୁ କେହିହେଲେ ଏ ଦିହିଁଙ୍କୁ ଚିହ୍ନି ନାହାନ୍ତି। କାହାକୁ ବା ନିଜର ପରିଚୟ ଦେବେ! ପାଖରେ ଠିଆ ହୋଇଥିବା କାରର କାଚ ଖୋଲିଲା। କାର ଭିତରୁ ଝିଅଟିଏ ଓହ୍ଲାଇ ଆସିଲା। ଝିଅଟି ଦେଖିବାକୁ ହିରୋଇନ ଭଳି ସୁନ୍ଦର। ନାରଣା ଓ ବିକାକୁ ନମସ୍କାର ଜଣାଇ କହିଲା– ଆପଣ ଦୁହେଁ ନାରଣାବାବୁ ଆଉ ବିକାବାବୁ ତ?

– ହଁ, ହଁ ହେଲେ ଆପଣ ଆମ ଦୁହିଁଙ୍କୁ ଚିହ୍ନିଲେ କେମିତି?

– ଆରେ ବାବା ଆପଣ ଦୁହିଁଙ୍କୁ ଚିହ୍ନିବାରେ ଅସୁବିଧା କେଉଁଠି?

ଏଲି ଦିଦି ଫିଲିମ୍ ଶୁଟିଂରେ କଟକ ଚାଲିଗଲେ। ସେ ଏବେ ବହୁତ ବ୍ୟସ୍ତ ଅଛନ୍ତି। ମୋତେ ଏଠି ଜଗାଇ ଦେଇଥିଲେ। ଗଲାବେଳେ ଆପଣ ଦୁହିଁଙ୍କର ହାବଭାବ ବିଷୟରେ ଜଣାଇ ଦେଇଥିଲେ। ଏଣୁ ସହଜରେ ଚିହ୍ନିଗଲି। ଏବେ ମୋ ସାଥିରେ ଆସି କାରରେ ବସନ୍ତୁ। ଲଜିଂରେ ବିଶ୍ରାମ ନେଉଥିବେ। ଏଲି ଦିଦି ଠିକ୍ ସମୟରେ ଆସି ପହଞ୍ଚିଯିବେ।

ନାରଣାର କିନ୍ତୁ ଇଚ୍ଛା ନ ଥିଲା ଶୁଟିଂ ସ୍ଥାନ ଛାଡ଼ି ଯିବା ପାଇଁ। ବାଃ ବାଃ ଝିଅଗୁଡ଼ାକ କି ସୁନ୍ଦର ନାଚୁଛନ୍ତି। ହିରୋଟା କେମିତି ସେମାନଙ୍କ ସହିତ ମଜା କରୁଛି। କେତେବେଳେ ସେ ନିଜକୁ ମଧ୍ୟ ଭୁଲି ସାରିଛି। ଠିଆରେ ଠିଆରେ ସ୍ୱପ୍ନ ଦେଖୁଛି। ସ୍ୱପ୍ନରେ ସେ ହିରୋ ହୋଇ ଯାଇଛି।

ବିକା ନାରଣାକୁ ଝୁଙ୍କାଇ ଦେଇ କହିଲା– ଆରେ ନାରଣା! ତୁ କେଉଁ



ରାଇଜରେ ଅଛୁ, ଆସୁନୁ ଲଜିଂକୁ ଯିବା। ସେଠାରେ କିଛି ସମୟ ବିଶ୍ରାମ କରି ପୁଣି ବଜାର ଯିବା ଡ୍ରେସ କିଣିବାକୁ। ପାର୍ଲରକୁ ଯାଇ ହେୟାର ଷ୍ଟାଇଲ ବଦଳାଇବା। ତା'ପରେ ଆସି ଏମାନଙ୍କୁ ଭେଟିବା ସିନା।

ସେଇ ଝିଅଟି ପୁଣି କାର୍ ପାଖକୁ ଫେରି ଆସିଲା। କହିଲା– ସାର୍‌ମାନେ ଆସନ୍ତୁ ମୋ' ସାଥିରେ। ଆପଣ ଦୁହିଁଙ୍କୁ ରଖାଇ ଦେଲା ପରେ ମୁଁ ଅନ୍ୟ କାମରେ ବାହାରି ଯିବି। ନାରଣା ଆଉ ବିକା ଯନ୍ତ୍ରବତ୍ ଝିଅଟିକୁ ଅନୁସରଣ କଲେ। ଝିଅଟି ପାଖରେ ବସି ଦୁହେଁ ପୁଲକିତ ହୋଇ ଉଠୁଥା'ନ୍ତି।

ଝିଅଟି କହିଲା– ଏଇଟା ଆମର ଗୋଟାଏ ୟୁନିଟ୍। ଏମାନେ ଏଠି ଶୁଟିଂ କରୁଛନ୍ତି। ଆସନ୍ତାକାଲି ଆଉ ଗୋଟିଏ ୟୁନିଟ୍ ଧଉଳି ପାଖରେ ଶୁଟିଂ କରିବ। ସେହି ୟୁନିଟ୍‌ରେ ଆପଣ ଦୁହିଁଙ୍କୁ ରଖାଯାଇଛି। ସେଥିରେ ଆପଣ ଦୁହେଁ ହିରୋ ହେବେ। ଆଜି ରାତିରେ ଡାଇରେକ୍ଟର ଆପଣଙ୍କୁ ତାଲିମ ଦେବେ।

ବିକା ଆଉ କଥାଟାକୁ ପେଟରେ ରଖି ପାରିଲାନି। ଭକ୍ କିନା ପାଟିରୁ ବାହାରି ପଡ଼ିଲା–ଆପଣ କ'ଣ ଆଲବମ୍‌ରେ ପାର୍ଟ କରନ୍ତି। ଆପଣଙ୍କ ଭଳି ସୁନ୍ଦରୀ ଝିଅ ଯେଉଁ ଆଲବମ୍‌ରେ ଥିବେ, ତାହା ତ ବେଶ ହିଟ୍ କରୁଥିବ। ଝିଅଟି ସମ୍ମତି ଜଣାଇ କହିଲା– ହଁ। ମୁହଁରେ ତା'ର ଟିପ୍‌ଟିପ୍ ହସ। ନାରଣା ଭାବୁଥିଲା ମୋ' ସାଥିରେ ଯଦି ଏ ଝିଅଟି ନାଚନ୍ତା, ତେବେ କେତେ ମଜା ହୁଅନ୍ତା!

ଗୋଟାଏ ବଡ଼ ହୋଟେଲ ଆଗରେ କାର୍ ଅଟକିଲା। ୨୦ ନମ୍ବର ରୁମ୍‌ରେ ଝିଅଟି ଏ ଦୁହିଁଙ୍କୁ ପହଞ୍ଚାଇଦେଲା। ଜୀବନରେ କେବେହେଲେ ସେ ଦୁହେଁ ଏମିତି ହୋଟେଲ କି ରୁମ୍ ଦେଖି ନ ଥିଲେ।

ଝିଅଟି କହିଲା– ମୁଁ ତ ରୁମ୍‌ରେ ପହଞ୍ଚାଇ ଦେଲି। ଏଠି ବିଶ୍ରାମ କରନ୍ତୁ, ମୁଁ ଆସୁଛି। କାହିଁକି ନା ତଳେ ଟ୍ୟାକ୍ସି ଠିଆ ହୋଇଛି। ତା' ଭଡ଼ା ଦେଇକରି ଆସେ। ନାରଣା କହିଲା– ଆରେ ତୁମେ କାହିଁକି ଭଡ଼ା ଦେବ, ମୋଠୁଁ ଟଙ୍କା ନେଇଯାଅ। ନାରଣା ପକେଟ୍‌ରୁ ଟଙ୍କା ବିଡ଼ା ବାହାର କରି ସେଥିରୁ ପାଞ୍ଚଶହ ଟଙ୍କିଆ ନୋଟ ଖଣ୍ଡିଏ ବାହାର କରି ଝିଅଟିକୁ ଧରାଇ ଦେଲା। ଝିଅଟି ଚାଲିଗଲା।

କିଛି ସମୟ ପରେ ଝିଅଟି ରୁମ୍‌କୁ ଫେରି ଆସିଲା। ତା'ହାତରେ ଦୁଇଟି ଫ୍ରୁଟି। ଫ୍ରୁଟି ଦୁଇଟା ଧରାଇ ଦେଇ କହିଲା, ପିଅନ୍ତୁ। ଝିଅଟିର ସୌନ୍ଦର୍ଯ୍ୟରେ ସେ ଦୁହେଁ ଏମିତି ମଜ୍ଜି ଯାଇଥିଲେଯେ, ବିଷ ଦେଇଥିଲେ ବି ସେ ଦୁହେଁ ବିନା ପ୍ରତିବାଦରେ ପିଇ ଯାଇଥା'ନ୍ତେ।

ଝିଅଟି ନାରଣା ଓ ବିକା ଦୁହିଁଙ୍କ ମଧ୍ୟରେ ବସି ଖୁସି ଗପ ଆରମ୍ଭ କରିଦେଲା। ମଜା ମଜା କଥା କହି ସେ ଦୁହିଁଙ୍କ ଉପରେ ଲୋଟି ଯାଉଥାଏ।

ଦୁହିଁଙ୍କର ଆଖି ଆସ୍ତେ ଆସ୍ତେ ବନ୍ଦ ହୋଇ ଆସିଲା। ଦୁହେଁ ସେଇଠି ବେଡ୍ ଉପରେ ଲୋଟିଗଲେ। ତା' ପରେ କ'ଣ ସବୁ ଘଟିଲା ସେ ଦୁହିଁଙ୍କୁ ଅଜଣା।

ରାତି ପାହିଲା।

ନାରଣା ଆଉ ବିକା ଆଖି ମଳିମଳି ଶେଯରୁ ଉଠିଲେ।

ଦୁହେଁ ଖୁବ୍ କ୍ଳାନ୍ତ ଅନୁଭବ କରୁଥିଲେ। ଏତେ ସମୟ ସେମାନେ ଶୋଇଗଲେ କେମିତି! ଯଦି ଏଲି ଦିଦି ରାତିରେ ଆସିଥିବେ, ତେବେ ତ ଫେରି ଯାଇଥିବେ। ସେମାନଙ୍କୁ ବହୁତ ଭୋକ ମଧ୍ୟ ଲାଗୁଥିଲା। କାଲିଠାରୁ କିଛି ଖାଇନାହାନ୍ତି। ସେ ଝିଅ ଗଲା କୁଆଡ଼େ? ଖଟ ଉପରକୁ ଚାହିଁଲେ। ସେ ଝିଅର ଡ୍ରେସ୍ ଲୋଚାକୋଚା ହୋଇ ପଡ଼ିଛି। ସେମାନେ କିଛି ଭୁଲ କରି ବସିନାହାନ୍ତି ତ!

ନାରଣା ପକେଟ୍‌ରେ ହାତ ମାରିଲା। ତା' ପର୍ସ ନାହିଁ। ଛାତି ପକେଟ୍‌ରେ ହାତ ପୂରାଇଲା। ମୋବାଇଲଟା ନାହିଁ। ବିକା ନିଜ ପକେଟ୍‌ରେ ହାତ ମାରି ପାଟି କରି ଉଠିଲା–ଆରେଭାଇ, ମୋ'ପକେଟ୍‌ରେପାଞ୍ଚ ହଜାରଟଙ୍କା ଥିଲା। କୁଆଡ଼େଗଲା?

ବିକା କହିଲା– ଏଲି ଦିଦି ଗଲେ କୁଆଡ଼େ? ସେ ଯଦି ରାତିରେ ଆସିଥା'ନ୍ତେ, ତେବେ ନିଶ୍ଚିତ ରୂପେ ଆମକୁ ନିଦରୁ ଉଠାଇଥାନ୍ତେ।

ନାରଣା ତଳ ମହଲାକୁ ଯାଇ ଏସ୍‌ଟିଡି ସେଣ୍ଟରରୁ ଏଲି ଦିଦିଙ୍କ ନିକଟକୁ ଫୋନ୍ କଲା।

ଏଲି ଦିଦି ବ୍ୟସ୍ତ ହୋଇ ଘଣ୍ଟାକ ପରେ ଆସି ପହଞ୍ଚିଲେ। ନାରଣା ଆଉ ବିକାକୁ ଦେଖି ପଚାରିଲେ– ଆରେ ତୁମେ ଦି'ଜଣ ଆସି ଏଇ ହୋଟେଲରେ। ତେଣେ ଗତକାଲି ଖଣ୍ଡଗିରି ପାହାଡ଼ ତଳେ ଯେଉଁ ଶୁଟିଂ ହେଉଥିଲା, ସେଠି ମୁଁ ଅପେକ୍ଷା କରିଛି। ତୁମେ ଦୁହେଁ ନ ଆସିବାରୁ କାମ ଥିଲା କଟକ ଚାଲିଗଲି।

ଦିଦିଙ୍କ ମୁହଁରୁ ଏଭଳି କଥା ଶୁଣି ସେ ଦୁହେଁ ଯେମିତି ଆକାଶରୁ ତଳକୁ ଖସି ପଡ଼ିଲେ।

ନାରଣା କହିଲା– ଦିଦି, ଆପଣ ପରା ଜଣେ ଝିଅକୁ ପଠାଇ ଆମ ଦୁହିଁଙ୍କୁ ଏ ହୋଟେଲରେ ରଖାଇଛନ୍ତି। ଆଉ ରାତିରେ ଆସି ଆମକୁ ଭେଟିବେ ବୋଲି କହିଥିଲେ।

କାହିଁ ନାହିଁ ତ! କେଉଁ ଝିଅ? ମୁଁ ତ ନିଜେ ଖଣ୍ଡଗିରିଠାରେ ଡାଇରେକ୍‌ସନ ଦେଉଥିଲି। କାହାକୁ କାହିଁକି ତମ ପାଖକୁ ପଠାଇବି। ସେଇ ଝିଅ କିଏ? ତା'ର ନାଁ କ'ଣ?

ତା' ନାଁ ଆମେ ପଚାରିନୁ। ଆମ ଦୁହିଁଙ୍କୁ ସେ ଦେଖୁଦେଖୁ ଚିହ୍ନି ନେଲା। ଆଉ ଆପଣ ତାକୁ ଜଗାଇଛନ୍ତି ବୋଲି କହିଲା। କାରରେ ବସାଇ ସେ ଆମକୁ ଏଠାକୁ ନେଇ ଆସିଲା। ଆମଠାରୁ ଟଙ୍କା ନେଇ ତା' ଟ୍ୟାକ୍ସିବାଲାକୁ ଦେଲା। ଦୁଇଟି ଫ୍ରୁଟି ଆଣି ପିଇବାକୁ ଦେଲା। ତା' ପରେ କ'ଣ ହେଲା ଆମେ ଜାଣିନାହୁଁ।

ଏଲି ଦିଦି ଦେଖିଲେ ବେଡ୍ ଉପରେ ଲୋଚାକୋଚା ହୋଇ ଝିଅପିଲା ଡ୍ରେସ୍‌ଟାଏ ପଡ଼ିଛି। କହିଲେ– ମୁଁ ସବୁ କଥା ବୁଝିଗଲି। ତୁମେ ଦୁହେଁ ପୋଖତ ଖେଳାଳି। ଗାଁ ପିଲା ଭାବି ତୁମ ପ୍ରତି ଦୟା କରୁଥିଲି। ସରଳ ଭାବୁଥିଲି, ମାତ୍ର ତାହା ତୁମେ ନୁହଁ। ତୁମେ ଦୁହେଁ ସହରକୁ ଆସି ବଦମାସଗିରି କରିଛ। ସେ ଝିଅ ଗଲା କୁଆଡ଼େ? ତା'ର ଡ୍ରେସ୍ ଏଠି କେମିତି ପଡ଼ିଛି। କାଲି ରାତିରେ ନିଶା ଖାଇ ତା' ପ୍ରତି କିଛି ଖରାପ ବ୍ୟବହାର ଦେଖାଇନ ତ? ସେ ହୁଏତ ପୋଲିସରେ ଜଣାଇବାକୁ ଯାଇଛି!

ପୋଲିସ ନାଁ ଶୁଣି ନାରଣା ଓ ବିକାର ପିଳେହି ପାଣି ହୋଇଗଲା। ସେ ଦୁହେଁ ଏଲି ଦିଦିଙ୍କ ହାତ ଧରି ଭୋ ଭୋ କାନ୍ଦି ଉଠିଲେ, ଆଉ କହିଲେ– ଦିଦି! ଯାହା ତ ଆଲବମ୍‌ରେ ପାର୍ଟ କଲୁ କଲୁ। ଘରୁ ଯାହା କିଛି ଟଙ୍କା ଆଣିଥିଲୁ, ତାହା ସବୁ ସେ ଝିଅ ହରଣଚାଳ କରି ନେଇଗଲା। ମୋବାଇଲ୍ ଫୋନ ବି ଛାଡ଼ିନି। ଆମ ପାଖରେ ଏବେ ଫଟା ପଇସାଟିଏ ନାହିଁ। ଏବେ ପୋଲିସ ଆସିଲେ ଆମେ କରିବୁ କ'ଣ? କେବଳ ପୋଲିସ ହାତରୁ ମାଡ଼ ଗୁଡ଼ିଏ ଖାଇବା ସାର ହେବ।

ବିକା କହିଲା– ଏଲି ଦିଦି, ଆମର ଯାହା ଗଲା ଗଲା। ଆମେ ଏବେ କେମିତି ଗାଁକୁ ଫେରିବୁ ତା'ର ବ୍ୟବସ୍ଥା କରିଦିଅ।

ଏଲି ଦିଦି କିଛି ଟଙ୍କା ଖର୍ଚ୍ଚ ପାଇଁ ଏ ଦୁହିଁଙ୍କୁ ଧରାଇ ଦେଇ କହିଲେ– ଏବେ ତୁମେ ଦୁହେଁ ଯେତେଶୀଘ୍ର ପାରୁଛ ଏ ସହର ଛାଡ଼ି ଚାଲିଯାଅ।

ନାରଣା ହୋଟେଲରେ ଶିଡ଼ିରୁ ଓହ୍ଲାଉ ଓହ୍ଲାଉ କହିଲା– ବୁଝିଲ ମାମୁ! ଯେଉଁ କାର୍ ଆମକୁ ନେଇ ଆସିଥିଲା, ସେଇ କାର୍ କ'ଣ ଏଠି ଠିଆ ହୋଇଛି। ସେଇ କାର୍ ଭିତରେ କିଏ ଝିଅଟେ ବସିଛି। ସେହି ଝିଅ ନୁହେଁ ତ? ଏଲି ଦିଦି କ'ଣ ସେଇ କାର୍‌ରେ ବସିଲେଣି।

ବିକା କହିଲା– ଏସବୁ କାରସାଦି ଏଇ ଏଲି ଦିଦିର ନୁହେଁ ତ? ନାରଣା କହିଲା–ମୋତେ ଲାଗୁଛି ଏଲି ଦିଦିର ଏସବୁ ଧନ୍ଦା, ନ ହେଲେ ସେ ଝିଅ ଆମକୁ ଚିହ୍ନିଥା'ନ୍ତା କେମିତି? ଏଇଭଳି ନାଟକ କରି ଟଙ୍କା ରୋଜଗାର କରୁଛି ଏଲି ଦିଦି।

ବିକା କହିଲା– ନାରଣା! ଏ ହେଉଛି ଲଙ୍ଗଳା ସହର। ଏଠି ଆଉ ଦଣ୍ଡେ ହେଲେ ଅଟକନା, କେତେବେଳେ କ'ଣ ଘଟିଯିବ!

**– ନିଆଳି, କଟକ**

କ ବି ତା

# ଧୋ ବାଇୟା

**ବାଦଲ ମହାନ୍ତି**

ଭୟର ଛୁରି ଦେଖାଇ
ପ୍ରେମ ଆଦାୟର ବେଉସା
ବନ୍ଦ କରରେ ବାଇୟା
ଭାରି କଷ୍ଟ ନିଜେ ନିଜକୁ ଠକିବା ।

ସରଳ ହେବା କଷ୍ଟ କହି
ନିଜେ ଜଟିଳ ହଅନାରେ ବାଇୟା
ପ୍ରାଣ ଯାଉ, ବଚନ ରହୁ
ତୁ ଦୁନିଆରେ ଥା’ କି ନ’ଥା ।


ଡାହା ମିଛ
ଜିତିବା ହାରିବା
କ୍ଷଣିକ ସୁଖରେ
ଭସେଇ ଦେ’ନାରେ ବାଇୟା
ଜୀବନର ଭେଳା ।

ଦୁଷ୍ଟ ହେଲେ ଜହ୍ନମାମୁ
ଅପରାଧୀ ଲୋଡ଼େ ରାଜକ୍ଷମା
ଦୁଷ୍ଟାମି ଓ ଅପରାଧ ନୁହେଁ ଏକାକଥା
ଭାରି କଷ୍ଟ ବାରମ୍ବାର ଫେରାଇ ଆଣିବା
ଯୋଉବାଟେ ଯାଉଛୁ ଯାଆରେ ବାଇୟା
ଭୁଲିବୁନି ଫେରିବା କାଇଦା ।

ମିଳିବାର ସୁଖ
ଛଡ଼େଇ ଆଣିଲେ ଦୁଃଖ
ଯେତେ ଜଲ୍‌ଦି ବୁଝିନବୁ
ତୋ’ ପାଇଁ ସେତେ ହିତରେ ବାଇୟା ।

ସୁର ଏଠି ଛନ୍ଦହୀନ
କୋଳ ଆନମନା
ଧୋ ବାଇୟା ଗୀତ ନୁହେଁ
କେବଳ ସାନ୍ତ୍ୱନା
ଅଭ୍ୟାସି ନେ’ରେ ବାଇୟା
ନିଜ କାନ ନିଜେ ଥାପୁଡ଼ି ଶୋଇବା ।

– ପ୍ଲଟ ନଂ. ୫୧୫, ନୂଆସାହି
ନୟାପଲ୍ଲୀ, ଭୁବନେଶ୍ୱର–୧୨



# ମେଳା

**ପ୍ରମୀଳା ଶତପଥୀ**

ଛାଇମାନଙ୍କୁ ଆଗରେ ରଖି
ଆସ ଆଜି ମେଳା ବୁଲିଯିବା
ମେଳାର ପେଁକାଳି
ସବୁ ତମର, ଆଉ
ଝୁମୁକା ସବୁ ମୋର ।

ମେଳାକୁ ଯୋଉମାନେ
ବୁଲି ଆସିଥିବେ, ତାଙ୍କ ସହ
ଭାଗ କରିନେବା ସମ୍ପର୍କ
ଯୋଉଠି ମାଟି ଓଦାଥିବ
ପୋତିଦେବା ବିଶ୍ୱାସର ମଞ୍ଜି ।

ମୂର୍ତ୍ତି ଗଢ଼ିବା
ଆକାର ନ ଦେଇ,
ଆକାର ନ ଦେଲେ
ଈଶ୍ୱର ଖୁବ୍ ସୁନ୍ଦର ଦିଶନ୍ତି ।

ଭାଷାକୁ ପିନ୍ଧେଇବା ଡେଣା
ଉଡ଼େଇ ଦବା
ଯୋଉ ଆଡ଼କୁ ତାଙ୍କ ଇଚ୍ଛା ।

କାନପାତି ଶୁଣିବା ମାଟିର ଶୀତ୍‌କାର
ଆଖି ବୁଜିଦେବା ପ୍ରକୃତି ସହ
ତା’ର ସମ୍ଭୋଗ ବେଳେ ।

ଆସ ! ମେଳା ବୁଲିଯିବା
ଦେଖିବା ମେଳାରେ
କେତେ ଜୀବନ ଅଛି, କେତେ
ଅଛି ନିସ୍ତେଜତା ।

ନିର୍ଜୀବଙ୍କୁ ଛିଡ଼ା କରେଇଦେବା
ଗୁଣ ଭରିଦେଇ,
ନିସ୍ତେଜଙ୍କୁ ଆଉ ଦେଇଦେବା
ପଥରକୁ ।

ଅବୁଝା ଜୀବନ ମୁହଁରେ
ଚଳେ ଜଳ ସିଞ୍ଚିଦେବା
ଯିଏ ଯୋଉ ଭାଷା
କହିବ କହୁ ପରମ ତ
ସବୁ ଭାଷାର ଠିକଣା

– ଆଦ୍ୟମନ୍ଦିର, ବାଲିଆ, ବାଲେଶ୍ୱର

# ଚତୁର୍ଥ ମାଙ୍କଡ଼

**ଅନୀତା ପଣ୍ଡା**

ମୁଁ ଏକ ବିଶେଷ ମାଙ୍କଡ଼, ଚତୁର୍ଥ ମାଙ୍କଡ଼
ମୋ’ ଆଖିରେ ବନ୍ଧା ନାହିଁ କୌଣସି ପୁଟୁଳି
ନିମୀଳିତ ଉଜ୍ଜ୍ୱଳ ଆଖି ଥାଇ ବି
ମୁଁ ଦେଖି ପାରେନା, ବାତ୍ୟାରେ ଛିନ୍ନଭିନ୍ନ
ଶ୍ରୀହୀନ ଗଛମାନଙ୍କୁ...
ମୋ’ ଆଖି ସାମ୍ନାରେ କାଳ୍ପନିକ
ଏକ ବିରାଟ ପର୍ଦ୍ଦା ସ୍ୱାର୍ଥର...

ମୁଁ ଶୁଣି ପାରେନା
ପେଟ ଭିତର ଜ୍ୱାଳାର ଦୀର୍ଘଶ୍ୱାସକୁ
କିମ୍ବା କ୍ଷୁଧା–ନାଗ ଫଣାର ଫୁ ଫୁ ଶବ୍ଦ
ଅସୁମାରି କଳିଙ୍କର ବିକଳ କାନ୍ଦ
ଆଉ, ଫୁଟା ତେଲରେ ଦଗ୍ଧ
ଜରାଜର୍ଜର ଆତ୍ମାମାନଙ୍କର ଆର୍ତ୍ତନାଦ
ଗୋଟାଏ ତୀବ୍ର ବଜ୍ରାଘାତରେ
ଶ୍ରବଣ ନଳୀ ନଷ୍ଟର ଅଭିନୟ ।

ମୁଁ ସ୍ପଷ୍ଟ କରିପାରେନା ଦୁନିଆ ଆଗରେ
ସମାଜରେ ଘଟୁଥିବା ଭ୍ରଷ୍ଟାଚାର, କଳା ଧନ୍ଦା
ଅପକର୍ମ, ଅସାମାଜିକ, ଅଗ୍ରହଣୀୟ ବୃତ୍ତି...
କେମିତି କହିବି, ମୁଁ ତ
ଛେଦି ଦେଇଛି ଜିହ୍ୱା ଆପଣା ହସ୍ତେ ?

# ମୁଁ ନିଜେ ଇ କବିତାଟିଏ

**ସୁଜାତା ଦାସ**

କବିତାଟିଏ ଲେଖିବାକୁ କହି
ଖାତା କଲମ ଧରେଇଦେଲ
ମୋ’ ହାତରେ
କବିତା ପାଞ୍ଚ ଅଙ୍କ ପଣକିଆ ନୁହଁଯେ
ମୁଖସ୍ଥ କରି ଯେତେବେଳେ କହିବ
ଲେଖିଦେବି ଖାତାରେ...
କବିତା ଏକ ଅଦିନିଆ ଝଡ଼
ଖରାଦିନର ବୈଶାଖୀ ପରି
ଅଚାନକ ଘୋଟି ଆସି,
ଭାଙ୍ଗେ, ପୁଣି ଗଢ଼ିଦିଏ କେତେ ନୀଡ଼ !

କବିତା ଏକ ଅମାନିଆ ନଦୀ
ଯେତେ ବାନ୍ଧିଲେ ବି କୂଳ ଲଂଘେ
ଅଧାଲେଖା ଡାଏରୀକୁ
ସୁଅରେ ଭସାଇନିଏ...
କବିତାର ଶବ୍ଦ ଖୋଜୁଖୋଜୁ
ହଠାତ୍ ଚମକି ପଡ଼ି ଦେଖେ
ମୁଁ ନିଜେ ଇ କବିତାଟିଏ
ତୁମ ଗୀତଖାତାରେ ।

– କ୍ୟାପିଟାଲ ହାଇସ୍କୁଲ,
ୟୁନିଟ୍–୩, ଭୁବନେଶ୍ୱର

# ଯୁଦ୍ଧ

**ନୃସିଂହ ତରାଇ**

ଏଠି ଅବତାରଣା ହୋଇଚି
ଗୋଟେ ଯୁଦ୍ଧ ଭୂଇଁର
ଏ ଯୁଦ୍ଧରେ ଆମେ ସବୁ
ଯୁଝୁଥିବା ଲୋକ ।

ଆମ ପେଟରେ ଦାନା ନାହିଁ
ଓଠରେ ହସ ନାହିଁ
ପିଠିରେ କନା,
ପାଦରେ ବିଶ୍ରାମ ନାହିଁ ।

ଆଉ କେଉଁଠି ବା କାହା ସହ
ଶତ୍ରୁତା କି ହୋଇପାରେ ?
ଭୋକ ସହ ଆମର ଯୁଦ୍ଧ
କେଜାଣି ଆଉ କେତେଦିନ ?

ଯଦିଓ ଆମେ ଯୋଗାଡ଼ କରିଚୁ ବିଶ୍ୱାସ
ଆଉ କିଛି ଦମ୍ଭ, ପାରିଲାପଣର ।

ପାପୁଲିରେ ପାପୁଲିଏ ମୋହ
ଆଖିରେ ଆଖିଏ ଭରସା
ହୃଦରେ ହୃଦରେ ଜମାଟ ବାନ୍ଧିଚି
ବଞ୍ଚିବାର ଶେଷତମ ଇଚ୍ଛା ।

ତଥାପି ଏ ଯୁଦ୍ଧ
ବ୍ୟାପିଚି କେଉଁ କାଳରୁ
ଲହୁଲୁହାଣ ହାତ ପାଦ
ଭୋକ ଭର୍ତ୍ତି ପେଟ
ଭୋକ ସହ ଯୁଦ୍ଧ ଅବିରତ ।

– ପୂର୍ବତଟ ରେଳପଥ, ଭୁବନେଶ୍ୱର

## ଗୀତି–କବିତା

# ମନ ଏକ ପକ୍ଷୀ

**ହୃଦାନଂଦ ପାଣିଗ୍ରାହୀ**

ମନ ଏକ ପକ୍ଷୀ ଆପଣା ଇଚ୍ଛାରେ
ଅଜଣା ରାଇଜେ ଉଡ଼େ
କେବେ ଭାଙ୍ଗେ ଡେଣା ଝଡ଼ ବତାସରେ
କେବେ ତଳେ ଖସିପଡ଼େ ।୦ ।

କେବେ ନୂଆ ଗୀତି ବିଭୋର ସପନେ
ବାଛିନିଏ ନୂଆ ବାଟ
ସରଗ ସୁରଭି ଛୁଇଁ ନ ପାରି ଯା’
ଭୋଗଇ ଦୁଃଖ ନରକ
କଅଁଳ ମେଘର କୁହୁକ ସପନେ
କାହିଁ କେତେଦୂର ଉଡ଼େ ।୧ ।


ଆଖିତ ପାଏନା ଭାଷା ବି ମିଳେନା
ସପନେ ହଜିବା ବେଳେ
ଅଂତର ମନ ଆଲୋକ କୁହୁକେ
ପରିଚୟ ନିଜ ଭୁଲେ
ଲୋଭ ଓ ମୋହରେ ଉଡ଼ିଉଡ଼ି ଶେଷେ
କିରାତ ଜାଲରେ ପଡ଼େ ।୨ ।

– ଝାଡ଼ପଟା, ଦୋଳସାହି, ଭଦ୍ରକ

# ପୁସ୍ତକ ପରିଚୟ ୨୦୧୯ ଶାରଦୀୟ ପତ୍ରିକା

## ଅପୂର୍ବା

ସମ୍ପାଦକ: କ୍ଷୀରୋଦ ଚନ୍ଦ୍ର ପତି
ଏ/୪ ସାଇଜ୍, ପୃ:୧୧୬, ମୂଲ୍ୟ: ଟ.୫୦/-




ଶାରଦୀୟ 'ଅପୂର୍ବା'ରେ ଏଥର ୧୪ଟି ଗଳ୍ପ, ୨ଟି ଅନୁବାଦ, ଗୋଟିଏ ଭ୍ରମଣ ଆଲେଖ୍ୟ ଓ ୩୪ଟି କବିତା ସ୍ଥାନ ପାଇଛି। ଗାଁକୁ ନେଇ ପରିକଳ୍ପିତ ସମ୍ପାଦକୀୟଟି ପାଠକଙ୍କୁ ନିଜ ନିଜର ଶୈଶବକୁ ଫେରାଇନିଏ। ଗଳ୍ପରେ ଆନନ୍ଦ ଚନ୍ଦ୍ର ପତି, ଜୟନ୍ତୀ ରଥ, ଗୁମ୍ଫୁମ୍ ନାୟକ ଓ ଭାସ୍କର ଜେନାଙ୍କ ସାଙ୍ଗକୁ କବିତାରେ ସୀତାକାନ୍ତ, ହରିହର, ଫନୀ, ନୃସିଂହ (ତ୍ରିପାଠୀ), ପ୍ରସନ୍ନ (ମହାନ୍ତି) ଓ ହୃଷୀକେଶ (ମଲ୍ଲିକ)ଙ୍କ ସମେତ ବହୁ ତରୁଣ କବିଙ୍କ ରୁଚିଶୀଳ କବିତା ପତ୍ରିକାଟିକୁ ବେଶ୍ ମାନଯୁକ୍ତ କରିଛି। 'ପ୍ରଚ୍ଛଦ' ସୃଜନଶୀଳ।

## ପଶିମା (ମହାପୂଜା)

ସମ୍ପାଦକ: ଅଶୋକ ମହାନ୍ତି
ଏ/୪ ସାଇଜ୍, ପୃ : ୪୮୦, ମୂଲ୍ୟ: ଟ.୧୫୦/-




ଉପନ୍ୟାସରେ ଗାୟତ୍ରୀବାଳା, ମହାଶ୍ୱେତା (ସାହୁ), ଗଳ୍ପରେ ସୁରେଶ ଛୋଟରାୟ, ବିରଜା ରାଉତରାୟ, ସୁସ୍ମିତା ରଥ, ଅନିଲ କୁମାର ପାଢ଼ୀ, ମୌସୁମୀ ଦାସ, ଲକ୍ଷ୍ମୀ ଚାନ୍ଦ, କଇଳାଶ ପଟ୍ଟନାୟକ ଏବଂ କବିତାରେ ପ୍ରତିଭା ଶତପଥୀ, ଆଶୁତୋଷ, ଅମରେଶ, ମମତା, ଯଶୋଧାରା, ବଂଶୀଧର, ପ୍ରବାସିନୀ, ଗିରିବାଳା, ରକ୍ଷକ, କେଦାର, ଦୁର୍ଗାପ୍ରସାଦ ଓ ଶ୍ରୀଦେବ। ଫିଚର୍‌ରେ ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଅଭୟ ଦ୍ୱିବେଦୀ ଓ ଭାଗ୍ୟଲିପି ମଲ୍ଲ। ମୋଟ ୩୨ଟି ଗଳ୍ପ ଓ ୧୦୯ଟି କବିତା ଆଶା ଜଗାଏଯେ ଓଡ଼ିଆ ଗଳ୍ପ ଓ କବିତାରେ ଏତେ ଲେଖିକାଲେଖକ ଯେହେତୁ ସର୍ଜନଶୀଳ, ତେଣୁ ଓଡ଼ିଆ ସାହିତ୍ୟକୁ ନେଇ ନିରାଶ ହେବାର କିଛି କାରଣ ନାହିଁ। ପ୍ରଚ୍ଛଦରେ ନୂଆ ପରୀକ୍ଷା ଅଶୋକଙ୍କ ନିଆରା ରୁଚିର ପରିଚାୟକ।

## ବିଶ୍ୱମୁକ୍ତି


ସମ୍ପାଦକ: ଶଶାଙ୍କ ଚୂଡ଼ାମଣି
ଏ/୪ ସାଇଜ୍, ପୃ : ୨୨୮
ମୂଲ୍ୟ : ଟ.୭୫/-




ପ୍ରଚ୍ଛଦରେ ବିବସନା ବାଳିକାଟିଏ, ବିଡ଼ମ୍ବିତ ତାରୁଣ୍ୟ। ତା'ର ହାତ କାଇଁଯେ ସେ ଧରନ୍ତା ତ୍ରିଶୂଳ! ନୂଆ ଚିନ୍ତା। ପ୍ରବନ୍ଧ, ଗଳ୍ପ, କବିତା, ରମ୍ୟକଥା, ଫିଚର, ପର୍ଯ୍ୟଟନ ଓ ଗୀତି-କବିତାରେ ସମୃଦ୍ଧ। ବିଶେଷ କବିତାରେ ରହିଛି ପ୍ରସନ୍ନ କୁମାର ପାଟ୍ଟଶାଣୀଙ୍କ କବିତା। ଗାନ୍ଧୀଙ୍କୁ ନେଇ ସମ୍ପାଦକୀୟ। ଶେଷ କବିତାରେ ସୂର୍ଯ୍ୟ ମିଶ୍ରଙ୍କ 'ଆମ୍ବିକ'।

## ନବଲିପି


ସମ୍ପାଦକ : ଦେବବ୍ରତ ମଦନରାୟ
ଏ/୪ ସାଇଜ୍, ପୃ : ୨୦୦,
ମୂଲ୍ୟ : ଟ.୮୦/-



ପ୍ରଥମ କଥାରେ ବୀଣାପାଣି ମହାନ୍ତି, ଅତିମାନସ କଥାରେ ମନୋଜ ଦାସ, ପ୍ରବନ୍ଧ କଥାରେ ଦାଶରଥି ଦାସ ଓ ବିରଳ କଥାରେ ନୃସିଂହ ତ୍ରିପାଠୀ। ମାନସୀ ଦାସ, ବନଜ ଦେବୀ, ଆଦିକନ୍ଦ ସାହୁ ଓ ସଦାନନ୍ଦ ତ୍ରିପାଠୀଙ୍କ ଗଳ୍ପ ସହ ସ୍ଥାନିତ ରାଜେନ୍ଦ୍ର କିଶୋର ପଣ୍ଡା, ପ୍ରତିଭା ଶତପଥୀ, ହରପ୍ରସାଦ ଦାସ, ପ୍ରମୋଦ କୁମାର ମହାନ୍ତି, ହୃଷୀକେଶ ମଲ୍ଲିକ ଓ ଅପର୍ଣ୍ଣା ମହାନ୍ତି ପ୍ରମୁଖଙ୍କ କବିତା। ବିଶେଷ କବିତାରେ ଜୟନ୍ତ ମହାପାତ୍ରଙ୍କ 'ଜୀବନ' କବିତା ସମ୍ପାଦକଙ୍କ ଚିହ୍ନରା ମନର ପରିଚୟ ଦିଏ।

## ବାଟୋଇ


ସମ୍ପାଦକ : ଶତ୍ରୁଘ୍ନ ତରାଇ
ଏ/୪ ସାଇଜ୍, ପୃ: ୧୭୬, ମୂଲ୍ୟ: ଟ.୮୦/-




'ସ୍ମରଣୀୟ ଗଳ୍ପ'ରେ ଗୋଦାବରୀଶ ମହାପାତ୍ରଙ୍କ ଗଳ୍ପ 'ଲୋକେ ବୋଲିବେ କ'ଣ?'; ପ୍ରବନ୍ଧରେ ଇନ୍ଦିରା ଦାଶ, ଭଗବାନ ପଟେଲ, ପଞ୍ଚାନନ ମିଶ୍ର ଓ ଭରତ ବେହେରା ; କବିତାରେ ସଦାଶିବ ଦାଶ, ହରିଶ୍ଚନ୍ଦ୍ର ବେହେରା, ହୁସେନ୍ ରବି ଗାନ୍ଧୀ, କମଳ କୁମାର ମହାନ୍ତି, ହୃଦାନନ୍ଦ ପାଣିଗ୍ରାହୀ ଓ ପଲ୍ଲବୀ ନାୟକଙ୍କ ସମେତ ବହୁ ପୁରୁଣା-ନୂଆ କବି। ରମ୍ୟ ରଚନାରେ ରାଧାଶ୍ୟାମ ରାଉଳ ଓ ପୁସ୍ତକ ସମୀକ୍ଷାରେ ସୁନୀଲ ରଥ।

## ସାବିତ୍ରୀ


ସମ୍ପାଦିକା: ଡ. ଅର୍ଚ୍ଚନା ନାୟକ
ଏ/୪ ସାଇଜ୍, ପୃ: ୨୭୨
ମୂଲ୍ୟ: ଟ.୮୦/-




'ପ୍ରଚ୍ଛଦ'ରେ ଜଗଜ୍ଜନନୀ ମା' ପାର୍ବତୀଙ୍କ ସହ ଗଣେଶ ଓ କାର୍ତ୍ତିକେୟଙ୍କର ଚିତ୍ର ଭିନ୍ନ ଚେତନାର ପରିଚାୟକ। ପ୍ରଚ୍ଛଦର ଦୁଇ ଦେବତା ଗଣେଶ ଓ କାର୍ତ୍ତିକେୟଙ୍କ ଉପରେ ଏକ ବିଶେଷ ଲେଖା ଲେଖିଛନ୍ତି ସମ୍ପାଦିକା ଡ. ନାୟକ। 'ଆହ୍ୱାନ ଓ ସମର୍ପଣ', 'ପୁରାତନ ଶ୍ରୁତି ଓ ନୂତନ ଦୃଷ୍ଟି', 'ଭ୍ରମଣ କାହାଣୀ' ସମେତ ଗଳ୍ପ, କବିତା, ଗୀତି କବିତା ଓ ପୁସ୍ତକ ସମୀକ୍ଷାରେ ସମୃଦ୍ଧ। ପ୍ରବନ୍ଧରେ ଅସିତ୍ ମହାନ୍ତି, ପ୍ରଫୁଲ୍ଲ କୁମାର ମହାନ୍ତି, ସୌଦାମିନୀ ନନ୍ଦ, ନୀଳାଦ୍ରି ଭୂଷଣ ହରିଚନ୍ଦନ ଓ ମଣୀନ୍ଦ୍ର କୁମାର ମେହେର। ଗଳ୍ପରେ ତରୁଣ କୁମାର ସାହୁ, ସୀତେଶ ତ୍ରିପାଠୀ, କବିତା ବାରିକ, ସୁନୀତି ଦେବୀ ଓ ବୈଜୟନ୍ତୀ ମିଶ୍ର। କବିତାରେ ରମାକାନ୍ତ, ସୀତାକାନ୍ତ, ହୃଷୀକେଶ, ସୌଭାଗ୍ୟବନ୍ତ ଓ ସରୋଜିନୀ ଷଡ଼ଙ୍ଗୀ ଲଗାଏତ ଅନେକ ନୂଆପୁରୁଣା କବି।

## ଘାସଫୁଲ


ସମ୍ପାଦକ: ବିଷ୍ଣୁ ସେଠୀ
୧/୮ ଡିମେଇ ସାଇଜ୍,
ପୃ: ୫୮୬, ମୂଲ୍ୟ: ଟ.୫୦/-




ପ୍ରଚ୍ଛଦରେ କାଶତଣ୍ଡୀ ଓ ଶରତ ଆକାଶର ଅପୂର୍ବ କୋଲାଜ୍। ପ୍ରବନ୍ଧରେ ଅଭୟ ଦ୍ୱିବେଦୀ, କୃଷ୍ଣଚନ୍ଦ୍ର ବଳ, ଅମରେଶ ବିଶ୍ୱାଳ ଓ ମନୀନ୍ଦ୍ର ମହାନ୍ତି। ଗଳ୍ପରେ ମୁକ୍ତିକାନ୍ତ ନାୟକ, କାହ୍ନୁଚରଣ ଶତପଥୀ ଓ କୈଳାସ ବେହେରା ଏବଂ କବିତାରେ ସୌଭାଗ୍ୟ କୁମାର ମିଶ୍ର, ପୀତାମ୍ବର ତରାଇ, ଅବନୀ ପ୍ରଧାନ, ଦିବ୍ୟସିଂହ ଦାସ ଅଧିକାରୀ, ସଂଜିତ୍‌କୁମାର ବଳ ଓ ଶ୍ରୀହରି ଧଳ। ପ୍ରତିଷ୍ଠିତ ଲେଖକଙ୍କ ସହିତ ବହୁ ନବୀନ ଓ ନବୋଦିତ ଲେଖିକାଲେଖକଙ୍କ ଉପସ୍ଥିତି 'ଘାସଫୁଲ'ର ବୈଶିଷ୍ଟ୍ୟ।

## ବନଫୁଲ

ସମ୍ପାଦକ: ରତ୍ନାକର ନାୟକ
୧/୮ ଡିମେଇ ସାଇଜ୍, ପୃ: ୨୦୮, ମୂଲ୍ୟ: ଟ.୧୦୦/-




ଅଧାଛାଇ ଅଧା ଆଲୁଅରେ ଯୁଦ୍ଧୋଦ୍ୟତା ଦେବୀ ଗୋଟିଏ ପଟେ ଓ ଅନ୍ୟପଟେ ପୂଜାର ରଂଗିନ ସାଜକୁ ନେଇ ପ୍ରଚ୍ଛଦ ପରିକଳ୍ପନା। ପ୍ରିୟ ଗପରେ ବିଭୂତି ପଟ୍ଟନାୟକ, ପ୍ରତିବେଶୀ ଗପରେ ଜୟକୃଷ୍ଣ ସାମଲ, ପ୍ରବନ୍ଧରେ ବେଣୁଧର ପାଢ଼ୀ ଓ କବିତାରେ ଗୌତମ ଜେନା, କୁମାର ହସନ, ହେମନ୍ତ କୁମାର ରାଉତ, ନୀଳମଣି ପରିଡ଼ା ଓ ଅମରେନ୍ଦ୍ର ଖଟୁଆ। ଏଥିସହିତ ରହିଛି ଶ୍ରୀଦେବଙ୍କ ସନେଟ୍, ବିବିଧ ବିଶ୍ୱଙ୍କ ଗପ, ମନୋଜ ମେହେର, ରମେଶ ପତି, ଇପ୍ସିତା ଷଡ଼ଙ୍ଗୀ, ଶର୍ମିଷ୍ଠା ସାହୁ, ପ୍ରତିଭା ପରିଡ଼ାଙ୍କ କବିତା। ନୂଆ ପିଢ଼ିରେ ଅର୍ଚ୍ଚନାଙ୍କ ନୂଆ ଗପ 'ଗଳ୍ପନାୟକ'।

## ତିରସ୍ପର୍ଥା

ସମ୍ପାଦକ: ଶର୍କର୍ଷଣ ପଣ୍ଡା
ଏ/୪ ସାଇଜ୍, ପୃ: ୨୨୮
ମୂଲ୍ୟ: ଟ. ୭୦/-




ଗଳ୍ପରେ ବିଷ୍ଣୁ ସାହୁ, ଦେବ ପ୍ରସାଦ ଦାଶ, ଅଧ୍ୟାପକ ବିଶ୍ୱରଞ୍ଜନ, ଅଞ୍ଜଳି ସାହୁ ଓ ସୋମା ଚାନ୍ଦ; ପ୍ରବନ୍ଧରେ ଅଭିନ ସାହୁ, ଶରତ ଚନ୍ଦ୍ର ରଥ ଓ ସୁଜାତା ପ୍ରିୟଦର୍ଶିନୀ; କବିତାରେ କୁମୁଦ ଚନ୍ଦ୍ର ଦାଶ, କୃଷ୍ଣା ମିଶ୍ର, ଯୋଗେନ୍ଦ୍ର କୁମାର ନାୟକ ଓ ଅକ୍ଷୟ ପାତ୍ର। ୧୩ଟି ପୁସ୍ତକ ସମୀକ୍ଷାର ସଂଯୋଜନ ପତ୍ରିକାଟିର ଭିନ୍ନ ମିଜାଜ୍‌କୁ ଚିହ୍ନିତ କରାଏ।

## ସୃଜନ ସ୍ୱପ୍ନ

ସମ୍ପାଦକ: ଦେବଶ୍ରୀ ଧଳ
କ୍ରାଉନ୍ ସାଇଜ୍, ପୃ: ୧୯୮
ମୂଲ୍ୟ: ଟ.୬୦/-




ଗାନ୍ଧିଜୀଙ୍କ ଭାବିତ ନିଶାମୁକ୍ତ ଭାରତକୁ ନେଇ ସମ୍ପାଦକୀୟ। 'ସୃଜନ ସଂସ୍କୃତି', 'ସୃଜନ ଦର୍ଶନ', 'ସୃଜନ ସମ୍ଭାର', 'କାବ୍ୟ ସୃଜନ' ଓ 'କଥା ସୃଜନ'- ଏହିପରି ରୀତିରେ ବିଷୟ ସଜ୍ଜା। ଶୁଭନାରାୟଣ ସ୍ୱାଇଁ ଲେଖିଛନ୍ତି ଉପନ୍ୟାସ (ଧାରାବାହିକ)। କବିତାରେ ରତ୍ନାକର ରାଉତ, ସତ୍ୟବାଦୀ ରାଉତ, ଦେବେନ୍ଦ୍ର ବାଉରୀ, ସୁଶାନ୍ତ ନାୟକ ଓ ଆହୁରି ଅନେକ।

## ପ୍ରାଚୀଧାରା

ସମ୍ପାଦକ: ଭଗବାନ ସାହୁ
ଏ/୪ ସାଇଜ୍, ପୃ: ୧୪୪
ମୂଲ୍ୟ: ଟ.୮୦/-




ଫୁଲ ଓ ପତ୍ରରେ ଅଙ୍କା ଦେବୀଙ୍କ ମୁଖଶ୍ରୀ ଆଖି କି ତାଜା ଲାଗେ। ପ୍ରବନ୍ଧରେ ଅବଦୁଲ୍ ଓସିଦ୍ ଖାଁ, କବିତାରେ ଚକ୍ରପାଣି ପରିଚ୍ଛା, ଭିକାରୀ ଧଳ, ସଂଘମିତ୍ରା ରାଏଗୁରୁ ଓ ଅଙ୍ଗୁରବାଳା ପରିଡ଼ା, ଗଳ୍ପରେ ଅମରେଶ ବିଶ୍ୱାଳ, କାର୍ତ୍ତିକ ସ୍ୱାଇଁ ଓ ମନୋରମା ବିଶ୍ୱାଳ। ଏଥିସହ ରହିଛି ପୁସ୍ତକ ସମୀକ୍ଷା ଓ ଅନୁବାଦ।

## ପ୍ରତିଭା ଦର୍ପଣ

ସମ୍ପାଦକ: ଦିଲ୍ଲୀପ କୁମାର ଦାସ
ଏ/୪ ସାଇଜ୍, ପୃ: ୧୪୦
ମୂଲ୍ୟ: ଟ. ୫୦/-




ପ୍ରବନ୍ଧ/ସମାଲୋଚନା, ଭ୍ରମଣ କାହାଣୀ ଓ କଥା ଏବଂ କବିତା ଭଳି ବିଭାଗକୁ ନେଇ କଳେବର। ରବୀନ୍ଦ୍ର କୁମାର ବେହୁରିଆ, ବିରୂପାକ୍ଷ ରାୟ, ଗୋବିନ୍ଦ ଭୂୟାଁ, ସତ୍ୟ ରାୟ, ରମାକାନ୍ତ ଜେନା, ଶ୍ରୀଚନ୍ଦନ ମହାପାତ୍ର, ହଂସନାଥ ମୁଦୁଲି, ଚିନ୍ତାମଣି ମହାଲିକ ଓ ମନୋରଞ୍ଜନ ଦାଶ ପ୍ରମୁଖ ବହୁ ପ୍ରବୀଣ ଓ ତରୁଣ ଲେଖକଙ୍କ ଲେଖା ସ୍ଥାନିତ।